୬ ବିସିସିଆଇ ଚୟନ କମିଟିକୁ ଆସିବେ ଆଉ ଜଣେ ଓଡ଼ିଆ !





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୦୫ ● ୨୩ ଅଗଷ୍ଟ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-205 ● 23rd August 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ନିମ୍ନ ମାନର କାମ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୨।୮

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ସଡକ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣର ଗୁରୁଦାୟିତ୍ୱ ଏହି ବିଭାଗ ଉପରେ ନ୍ୟସ୍ତ ରହିଛି। ୫ ବର୍ଷ ଭିତରେ ୩୦ ହଜାର କିଲୋମିଟର ରାସ୍ତା ଓ ୫୦୦ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବିଭିନ୍ନ ସ୍କିମ୍ ଓ ବଜେଟ୍ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥରାଶିର ଶତପ୍ରତିଶତ ଉପଯୋଗ କରି ରାଜ୍ୟବାସୀଙ୍କୁ ଉନ୍ନତ ମାନର ଗମନାଗମନ ସୁବିଧା ଯୋଗାଇ ଦେବା ଉପରେ



ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥିସହିତ ରାସ୍ତା ଓ ସେତୁ ଗୁଡିକର ଗୁଣବତ୍ତା ସହିତ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପାହାଡିଆ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମ ମାନର ରାସ୍ତା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ (ପୃଷ୍ଠା ୭ରେ)

# ଅନ୍‌ଲାଇନ ଗେମିଂ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

## ନୂଆ ଆଇନରେ ଜେଲ୍ ସହ ୧ କୋଟି ଟଙ୍କା ଜରିମାନାର ବ୍ୟବସ୍ଥା

ନୂଆଦିଲ୍ଲୀ, ୨୨।୮

ଅନଲାଇନ ମନି ଗେମିଂ ଉପରେ ପ୍ରତିବନ୍ଧକ ଲଗାଇବା ବିଲ୍ ଉପରେ ସଂସଦର ଅନୁମୋଦନ ପରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ସବୁଜ ସଙ୍କେତ ଦେଇଛନ୍ତି, ଯାହା ପରେ ଏହା ଏବେ ଏକ ଆଇନରେ ପରିଣତ ହୋଇଛି। ଏହି ଆଇନ ଅନୁଯାୟୀ, ସମସ୍ତ ଅନଲାଇନ ମନି ଗେମିଂ ସେବା ଉପରେ ପ୍ରତିବନ୍ଧକ ଲଗାଯିବ ଏବଂ ଏପରି ଖେଳ ପ୍ରଦାନକାରୀଙ୍କ ପାଇଁ ତିନି ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଅଛି।



ନୂତନ ଆଇନରେ ଅନଲାଇନ ମନି ଗେମିଂ ପ୍ଲାଟଫର୍ମର ବିଜ୍ଞାପନ ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଏବଂ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯାଇଛି। ଅନଲାଇନ ଗେମିଂ ପ୍ରମୋସନ ଏବଂ ନିୟନ୍ତ୍ରଣ ବିଲ୍ ପୂର୍ବରୁ ସଂସଦର ଉଭୟ ଗୃହ, ଲୋକସଭା ଏବଂ ରାଜ୍ୟସଭା ଦ୍ୱାରା ଗୃହୀତ ହୋଇଥିଲା। ସୂଚନାଯୋଗ୍ୟ, ରାଜ୍ୟସଭା ଏହି ବିଲକୁ ୨୬ ମିନିଟରେ ଏବଂ ଲୋକସଭା ଏହାକୁ ସାତ ମିନିଟରେ ପାସ କରିଥିଲା।

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ କହିଥିଲେ ଯେ ଲୋକମାନେ ଅନଲାଇନ ଟଙ୍କା ଗେମିଂରେ ସେମାନଙ୍କର ଜୀବନ ସଞ୍ଚୟ ହରାଉଛନ୍ତି। ସେ ରାଜ୍ୟସଭାରେ କହିଥିଲେ, 'ସମୟ ସମୟରେ ସମାଜ ଭୁଲର ସମ୍ମୁଖୀନ ହୁଏ। ଏପରି ପରିସ୍ଥିତିରେ, ସରକାର ଏବଂ ସଂସଦର କର୍ତ୍ତବ୍ୟ ହେଉଛି ଏହାର ତଦନ୍ତ କରିବା ଏବଂ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରିବା।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଏହି ବିଲ୍ ଇ-କ୍ରୀଡାକୁ ପ୍ରୋତ୍ସାହିତ କରିବ ଏବଂ ସମାଜକୁ ଅନଲାଇନ ଗେମର କ୍ଷତିକାରକ ପ୍ରଭାବରୁ ରକ୍ଷା କରିବ।

ମନି ଗେମ ପ୍ରଦାନ କଲେ ସର୍ବାଧିକ ୩ ବର୍ଷ ଜେଲ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ବିଜ୍ଞାପନ ପାଇଁ ୨ ବର୍ଷ ଜେଲ ଏବଂ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ରଦ୍ଦ କଲେ ୩ ରୁ ୫ ବର୍ଷ ଜେଲ ଏବଂ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ବଡ଼ ଅପରାଧକୁ ଗମ୍ଭୀର ଏବଂ ଜାମିନ ଅଯୋଗ୍ୟ ଭାବରେ ବର୍ଗୀକୃତ କରାଯାଇଛି। ପାଳନ ନ କରିବା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା।

କେନ୍ଦ୍ର ସରକାର କିମ୍ବା (ପୃଷ୍ଠା ୭ରେ)

## ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବ ଶ୍ରୀମନ୍ଦିରରେ ଧାଡି ଦର୍ଶନ : ଆଇନ ମନ୍ତ୍ରୀ

ପୁରୀ, ୨୨।୮ : ନ୍ୟୁଜ୍ ବ୍ୟୁରୋ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବ ଧାଡି ଦର୍ଶନ ବ୍ୟବସ୍ଥା। ଏନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ଧାଡି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱର ନିକଟରେ ବିଶ୍ୱର ପ୍ରଥମ ଆସିଆଟିକ ହାତୀ ସର୍ଭାଇଭାଲ ସେଣ୍ଟର ସ୍ଥାପିତ ହେବ।
- ଓଡିଶା ପୁଲିସର ସାଇବର କ୍ରାଇମ ତଦନ୍ତ ପାଇଁ ବିଶେଷ ୟୁନିଟ୍, ରାଜ୍ୟରେ ୩୪ଟି ସାଇବର ପୋଲିସ୍ ଥାନା ହେବ ।
- ପ୍ରସିଦ୍ଧ କ୍ରିକେଟରଙ୍କ ଉପରେ ଅନଲାଇନ୍ ଗ୍ୟାମ୍ବଲିଂଗ ଆପ୍ ପ୍ରମୋଟ କରିବାର ଅଭିଯୋଗ ।
- ବଡ ପରିବର୍ତ୍ତନ-ଓଡିଶା ସରକାର ୧୮ ପୋଲିସ୍ ଅଧିକାରୀଙ୍କୁ ନୂଆ ପଦରେ ସ୍ଥାନାନ୍ତର ।
- ସାମ୍ବାଦିକ ସଂଗଠନ ଏସ୍-ଜେ-ଏଫ୍-ଆଇ କେନ୍ଦ୍ରସରକାରଙ୍କୁ ସାମ୍ବାଦିକଙ୍କ ପାଇଁ ପେନସନ ଦାବୀ କଲା।
- ଆଗାମୀ ପର୍ବପର୍ବାଣୀକୁ ଧ୍ୟାନରେ ରଖି ରାଜ୍ୟ ପୁଲିସ୍ ବିଶେଷ ସୁରକ୍ଷା ବ୍ୟବସ୍ଥା ।
- ମୁମ୍ବାଇରେ ଦୁଇଟି ମୋନୋରେଲ୍ ଟ୍ରେନ୍ ଅଟକିଲା-୫୦୦ରୁ ଅଧିକଙ୍କୁ ଉଦ୍ଧାର ।
- କଟକ ସିଟି ହସ୍ପିଟାଲ କର୍ମଚାରୀଙ୍କୁ ୧.୨୪କୋଟି ଟଙ୍କା ଦୁର୍ନୀତି ମାମଲାରେ ଭିଜିଲାନ୍ସ ତଦନ୍ତ ।
- ଜଗତସିଂହପୁର ଗ୍ରାମବାସୀ ହ୍ୟୁଜ ଆପ୍ ଠକାମୀର ଶିକାର ।

# ଡିଜିଙ୍କ ନିର୍ଦ୍ଦେଶ : ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୨।୮

ନ୍ୟୁଜ୍ ବ୍ୟୁରୋ

ଆଗକୁ ଆସୁଛି ପାର୍ବଣ ଋତୁ। ଏହି ସମୟରେ କିଛି ବ୍ୟକ୍ତିବିଶେଷ ବେଆଇନ ଚାନ୍ଦା ଆଦାୟ କରି ପୂଜା ଉତ୍ସବ ପାଳନ କରିବା ଭଳି ଘଟଣା ବିଭିନ୍ନ ସମୟରେ ନଜରକୁ ଆସିଥାଏ । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସମସ୍ତ ଜିଲ୍ଲା ଏସପିଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହ ସହ ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ



ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାର୍ବଣ ଋତୁ ସମୟରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପାର୍ବଣ ଋତୁ ସମୟରେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି।

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଅଭ୍ୟାସଗତ (ପୃଷ୍ଠା ୭ରେ)

# ନିର୍ବାଚନ ପୂର୍ବରୁ ବିହାରକୁ ୧୩ ହଜାର କୋଟିର ଭେଟି ଦେଲେ ପ୍ରଧାନମନ୍ତ୍ରୀ

ପାଟନା, ୨୨।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କୁ ଟାର୍ଗେଟ କରି ଜଣେ ସରକାରୀ କର୍ମଚାରୀ ୫୦ ଘଣ୍ଟା ଜେଲରେ ରହିଗଲେ ନିଲମ୍ବିତ ହେଉଥିବା ବେଳେ କେମିତି ଜେଲରେ ରହି ମୁଖ୍ୟମନ୍ତ୍ରୀମାନେ କାମ କରିବେ ବୋଲି ପ୍ରଶ୍ନ କରିଛନ୍ତି।

ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବିହାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ବିଜୁଳି, ରାସ୍ତା, ସ୍ୱାସ୍ଥ୍ୟ, ସହରୀ ଭିତ୍ତିଭୂମି ଓ ଜଳ ଯୋଗାଣ ସହ ଏହି ୧୩ ହଜାର କୋଟି ଟଙ୍କାର ପ୍ରକଳ୍ପ ଜଡ଼ିତ। ଏହି ସମୟରେ ସେ ବିରୋଧୀଙ୍କୁ କଟାକ୍ଷ କରିବାକୁ ଆଦୌ ଭୁଲି ନାହାନ୍ତି। ବୁଧବାର ସଂସଦରେ ଆଗତ ହୋଇ ଜେପିସି ପାଖକୁ ଯାଇଥିବା ସମ୍ବିଧାନ



ସଂଶୋଧନ ବିଲର ଓକିଲାତି କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ।

ସଂସଦୀୟ ଭାଷାରେ ବୁଧବାର ଗୃହରେ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯାଇଥିଲା। ଏହି ବିଲ୍‌ରେ ବ୍ୟବସ୍ଥା ଅଛି ଯେ ଭାରତୀୟ ଗଣତନ୍ତ୍ରକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ଲୋକପ୍ରତିନିଧିମାନେ ସେହିପରି ହେବା ଦରକାର। ସେହି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ୫ ବର୍ଷର କାରାଦଣ୍ଡ (ପୃଷ୍ଠା ୭ରେ)

# ନବୀନ ନିବାସରେ ପ୍ରେମ ପଟ୍ଟନାୟକ



ଭୁବନେଶ୍ୱର, ୨୨।୮ : ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ନବୀନ ନିବାସରେ ପହଞ୍ଚିଛନ୍ତି ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ। ସାନ ଭାଇଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ପାଇଁ ସେ ଶୁକ୍ରବାର ଗୋଟାଏ ବେଳେ ନବୀନ ନିବାସରେ ପହଞ୍ଚିଛନ୍ତି। ମୁମ୍ବାଇରେ ନବୀନଙ୍କ ଚିକିତ୍ସା ବେଳେ ପ୍ରେମ ଡାକ୍ତରଙ୍କ ସହ ଆଲୋଚନା (ପୃଷ୍ଠା ୭ରେ)

# ଆଗାମୀ ଦଶନ୍ଧି ହେଉଛି ସହରାଞ୍ଚଳ ବିକାଶର

ଭୁବନେଶ୍ୱର, ୨୨।୮

ନ୍ୟୁଜ୍ ବ୍ୟୁରୋ

ଆଗାମୀ ଦଶନ୍ଧି ସହରାଞ୍ଚଳ ବିକାଶର ଏବଂ ଆମକୁ ଦାୟିତ୍ୱର ସହିତ ଏହି ମିଶନରେ ନିଜକୁ ସାମିଲ କରିବାକୁ ପଡିବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଉପରେ ୟୁ.ଏଲ୍.ବି. ଏବଂ ଡି.ୟୁ.ଡି.ଏ. ର ଇଞ୍ଜିନିୟର, ଏମ୍. ଆଇ. ଏସ୍. ପେସାଦାର, ଆକାଉଣ୍ଟାଣ୍ଟ ଏବଂ ଟିମ ଲିଡ୍ ମାନଙ୍କୁ ନେଇ ଚାଲିଥିବା କର୍ମଶାଳାକୁ ସମ୍ବୋଧିତ କରି ଶ୍ରୀମତୀ ପାଢୀ ଏହା କହିଛନ୍ତି ।

ଶ୍ରୀମତୀ ପାଢ଼ୀ କହିଥିଲେ ଯେ ସହରାଞ୍ଚଳ ପରିବର୍ତ୍ତନ କେବଳ ଭିତ୍ତିଭୂମି



ବିଷୟରେ ନୁହେଁ, ବରଂ ସମ୍ମାନଜନକ, ସମାବେଶୀ ଏବଂ ସ୍ଥାୟୀ ସହର ନିର୍ମାଣ ବିଷୟରେ। ଆସନ୍ତାକାଲିର ସହର ଗଠନ କରିବାରେ ଆଜିର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରି ସେ ମନ୍ତବ୍ୟ ଦେଇଛନ୍ତି ଯେ ଆମର ବର୍ତ୍ତମାନର ପ୍ରୟାସ ସ୍ଥିର କରିବ ଯେ ପରବର୍ତ୍ତୀ ପିଢ଼ି ଆହ୍ୱାନର ସମ୍ମୁଖୀନ ହେଉଛି ନା ଏକ ଉନ୍ନତ ବିଶ୍ୱ ଉତ୍ତରାଧିକାରରେ ପାଇଛି। ଏହା ପଦବୀ ନୁହେଁ ବରଂ ଜ୍ଞାନ ଯାହା ପ୍ରକୃତ ମର୍ଯ୍ୟାଦା ଦେଇଥାଏ।

ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ, ଆମେ ସମସ୍ତେ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବ୍ୟବସ୍ଥା ଯେପରି ସଠିକ୍ ଦିଗରେ କାର୍ଯ୍ୟ କରେ ତାହା ସୁନିଶ୍ଚିତ କରିବା ଆମର ପ୍ରମୁଖ କର୍ତ୍ତବ୍ୟ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଉନ୍ନତ ଏବଂ ସୁଦୃଢ଼ ସହରାଞ୍ଚଳ ଭବିଷ୍ୟତ ସୃଷ୍ଟି କରିବାରେ ଅଂଶୀଦାର ହେବା।

ପ୍ରମୁଖ ସଚିବ ଆଲୋକପାତ କରିଥିଲେ ଯେ ଏମ୍.ଏସ୍.ବି.ୱାଇ ହେଉଛି ଏକ ପରିବର୍ତ୍ତନଶୀଳ ପଦକ୍ଷେପ, (ପୃଷ୍ଠା ୭ରେ)

## ବ୍ରିଟିଶ ଶିଳ୍ପପତି ଲର୍ଡ ସ୍ୱରାଜ ପଲଙ୍କ ବିୟୋଗ, ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ, ୨୨।୮

ଭାରତୀୟ ବଂଶୋଦ୍ଭବ ପ୍ରସିଦ୍ଧ ବ୍ରିଟିଶ୍ ଉଦ୍ୟୋଗପତି ଲର୍ଡ ସ୍ୱରାଜ୍ ପଲ୍ (୯୪ ବର୍ଷ) ଙ୍କର ଗୁରୁବାର ସନ୍ଧ୍ୟା (ସ୍ଥାନୀୟ ସମୟ ଅନୁଯାୟୀ) ଲଣ୍ଡନ୍‌ର ଏକ ହସ୍ପିଟାଲ୍‌ରେ ଦେହାନ୍ତ ଘଟିଛି। ସମ୍ପ୍ରତି ସେ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ, ଯେଉଁଠି ସେ ପରିବାରର ସଦସ୍ୟମାନଙ୍କ ଉପସ୍ଥିତିରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ।

ଲର୍ଡ ସ୍ୱରାଜ୍ ପଲଙ୍କର ଦେହାନ୍ତ ଉପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ଜଣାଇ 'ଏକ୍ସ'ରେ ଲେଖିଛନ୍ତି ଯେ, 'ଶ୍ରୀ ସ୍ୱରାଜ୍ ପଲ୍ ଜୀଙ୍କ ଦେହାନ୍ତରେ ମୁଁ ଅତ୍ୟନ୍ତ ଦୁଃଖିତ। ବ୍ରିଟେନ୍‌ରେ ଉଦ୍ୟୋଗ, ଦାନଧର୍ମ ଓ ସାଧାରଣ (ପୃଷ୍ଠା ୭ରେ)

## ଏକାଳ ପଖାଳ



ରାସ୍ତାଘାଟ କାମ ଖିଲାପୀ କଲେ
ହେବ ଖାଲି ହଟହଟା
ସେଥିପାଇଁ ଯିଏ କାମ ନେବେ ହାତେ
କରିପାରିବେନି ଘାଟା
ଭାବିବନି ଯାକୁ ଥଟ୍ଟା
ଖୋଦ୍ ମୋହନ କହିଛନ୍ତି ଯାକୁ
ପଡିଥା କାମୁଡି କୁଟା ।

# ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ବଡ଼ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୨।୮

ଏହି ରାୟ କେବଳ ଦିଲ୍ଲୀ-ଏନସିଆର ପାଇଁ ନୁହେଁ, ବରଂ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହେବ। ଏଥିପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ନୋଟିସ କରିଛନ୍ତି।

ବୁଲା କୁକୁର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଅଗଷ୍ଟ ୮ରେ ଦେଇଥିବା ରାୟରେ ସାମାନ୍ୟ ସଂଶୋଧନ କରିଛନ୍ତି। ଦିଲ୍ଲୀ-ଏନସିଆରରେ ବୁଲୁ ଥିବା କୁକୁରମାନଙ୍କୁ ଧରି ତୁରନ୍ତ ଆଶ୍ରୟସ୍ଥଳକୁ ନେବାକୁ ଦେଇଥିବା ରାୟରେ ପରିବର୍ତ୍ତନ ହୋଇଛି। ଶୁକ୍ରବାର ସୁପ୍ରିମକୋର୍ଟ ସଂଶୋଧିତ ରାୟରେ କହିଛନ୍ତି ଯେ ବୁଲା କୁକୁରମାନଙ୍କୁ ପୌର ପାଳିକାର ଅଧିକାରୀମାନେ ଧରିବା ସହ ବନ୍ଧ୍ୟାକରଣ ଓ ଟିକା ଦେବେ। ଏହାପରେ ସେମାନଙ୍କୁ ଯେଉଁ ସ୍ଥାନରୁ ଧରିଥିବେ, ସେଠାରେ ଛାଡ଼ିବେ।

ଅନିର୍ଦ୍ଦିଷ୍ଟ କାଳ ପାଇଁ ବୁଲା କୁକୁରଙ୍କୁ ଆଶ୍ରୟ ସ୍ଥଳରେ ରଖାଯାଇ ପାରିବ ନାହିଁ। କିନ୍ତୁ ରୋଗ ଗ୍ରସ୍ତ ଓ କାମୁଡ଼ିବାକୁ ଗୋଡ଼ାଉଥିବା କୁକୁରମାନଙ୍କୁ ପୌର ପାଳିକା ସର୍ବସାଧାରଣରେ ଛାଡ଼ିବ ନାହିଁ। ସେମାନଙ୍କୁ ଅଲଗା ଆଶ୍ରୟସ୍ଥଳରେ ରଖାଯିବ। ଏହାବାଦ ବୁଲା କୁକୁରମାନଙ୍କୁ ତଥାକଥିତ ପଶୁପ୍ରେମୀମାନେ ସର୍ବସାଧାରଣରେ ଖାଇବାକୁ ଦେଇ ପାରିବେ (ପୃଷ୍ଠା ୭ରେ)

# ରାଜ୍ୟରେ ୫ଦିନ ଯାଏ ବର୍ଷା ସମ୍ଭାବନା

## ସୁନ୍ଦରଗଡ଼କୁ ରେଡ୍ ଆଲର୍ଟ

ଭୁବନେଶ୍ୱର, ୨୨।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ସ୍ଥାନରେ କିଛି ଦିନ ହେଲା ବର୍ଷା ଜାରି ରହିଛି। ଅନେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି। ଉପକୂଳ ଓଡ଼ିଶାରେ ମଧ୍ୟ ବର୍ଷା ଲାଗି ରହିଛି। ଏହାରି ମଧ୍ୟରେ ପାଣିପାଗ ବିଭାଗ ଚେତାବନୀ ଦେଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼କୁ ରେଡ ଆଲର୍ଟ ଜାରି ହୋଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି



ଯେ, ଘୂର୍ଣ୍ଣିବଳୟର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ବର୍ଷା ଲାଗିରହିବ। ଉତ୍ତର ଓଡ଼ିଶା ଓ ତତ୍‌ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ସହ (ପୃଷ୍ଠା ୭ରେ)





# ଦୁର୍ଘଟଣା ପାଇଁ ହଟସ୍ପଟ୍ ପାଲଟିଛି ଜୟପୁରର ଗାନ୍ଧୀ ଛକରୁ ପାୱାର ହାଉସ ରାସ୍ତା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁରର ଗାନ୍ଧୀ ଛକରୁ ପାୱାର ହାଉସକୁ ସଂଯୋଗ କରୁଥିବା ରାସ୍ତା ଦୁର୍ଘଟଣା ପାଇଁ ଏକ ହଟସ୍ପଟ୍ ପାଲଟିଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗମ୍ଭୀର ସୁରକ୍ଷା ଚିନ୍ତା ସୃଷ୍ଟି କରିଛି। ମୁଖ୍ୟତଃ ଭାରୀ ଟ୍ରକ୍ ଏବଂ ସ୍ଥାନୀୟ ଟ୍ରାଫିକ୍ ଦ୍ୱାରା ବ୍ୟବହୃତ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଖରାପ ହେବା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ପାଇଁ ଜରୁରୀ ଆବେଦନ କରିଛି।



ଗାତ, ଫାଟ ଏବଂ ଅସମାନ ପୃଷ୍ଠ ରାସ୍ତାକୁ କ୍ରମଶଃ ବିପଦପୂର୍ଣ୍ଣ କରୁଥିବାରୁ ବାସିନ୍ଦା ଏବଂ ଯାତ୍ରୀମାନେ ହତାଶା ପ୍ରକାଶ କରିଛନ୍ତି। ଗତ କିଛି ମାସ ଧରି ଦୁର୍ଘଟଣା ବୃଦ୍ଧି ଘଟିଥିବା ରିପୋର୍ଟ କରାଯାଇଛି, ଅନେକ ଘଟଣା ଡ୍ରାଇଭର ଏବଂ ପଥଚାରୀ ଉଭୟଙ୍କୁ ଆହତ କରିଛି। ବିପଦପୂର୍ଣ୍ଣ ରାସ୍ତା ଗ୍ରାହକମାନଙ୍କୁ ବାଧା ଦେଉଛି ଏବଂ ବିତରଣ ସମୟସୂଚୀକୁ ପ୍ରଭାବିତ କରୁଥିବାରୁ ସ୍ଥାନୀୟ ବ୍ୟବସାୟଗୁଡ଼ିକ ମଧ୍ୟ ଏହାର ପ୍ରଭାବ ଅନୁଭବ କରୁଛନ୍ତି।

ନିକଟବର୍ତ୍ତୀ ଶିଳ୍ପାଞ୍ଚଳକୁ ଏବଂ ସେଠାରୁ ସାମଗ୍ରୀ ପରିବହନ ପାଇଁ ଏହି ରାସ୍ତା ବ୍ୟବହାର କରୁଥିବା ଅଧିକ ପରିମାଣର ଭାରୀ ଯାନବାହନ ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଛି। ରକ୍ଷଣାବେକ୍ଷଣର ଅଭାବ ସହିତ, ରାସ୍ତା ବିପଦପୂର୍ଣ୍ଣ ହୋଇଗଲାଣି, ଯାହା ଫଳରେ ଡ୍ରାଇଭରମାନଙ୍କ ପାଇଁ ସୁରକ୍ଷିତ ଭାବରେ ଯାତାୟାତ କରିବା ପ୍ରାୟ ଅସମ୍ଭବ ହୋଇଗଲାଣି।

ମାସ ମାସ ଧରି ସ୍ଥାନୀୟ ପ୍ରଶାସନ ନିକଟରେ ଅନେକ ଅଭିଯୋଗ ଦାଖଲ ହୋଇଥିଲେ ମଧ୍ୟ, ବାସିନ୍ଦାମାନେ କହିଛନ୍ତି ଯେ ସେମାନଙ୍କ ଚିନ୍ତାର ସମାଧାନ ପାଇଁ ବହୁତ କମ୍ ପଦକ୍ଷେପ ନିଆଯାଇଛି।

# ବରପଲ୍ଲୀ ରାସ୍ତା ନିର୍ମାଣ ନିମ୍ନ ମାନର ଅଭିଯୋଗ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜୟଶ୍ରୀ ଛକ ଠାରୁ ବରପଲ୍ଲୀ ଗ୍ରାମକୁ ସଂଯୋଗ ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ନେଇ ଗ୍ରାମର ଯୁବକମାନେ ଅଭିଯୋଗ ଆଣିଛନ୍ତି। ଦୀର୍ଘଦିନ ପରେ ନିର୍ମାଣ ହେଉଥିବା ଏହି ରାସ୍ତାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥିବା ବେଳେ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଯୋଗୁଁ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।



ସୂଚନାଯୋଗ୍ୟ ଯେ ଜୟଶ୍ରୀ ଛକ ଠାରୁ ବରପଲି ଗ୍ରାମକୁ ସଂଯୋଗ ରାସ୍ତାରେ କିଛି ଅଂଶ ବର୍ତ୍ତମାନ ଫେବର ରୋଡ୍ ତିଆରି ଚାଲିଛି। ରାସ୍ତା ଉଭୟ ପାର୍ଶ୍ୱରେ ଯେଉଁ ପରିମାଣରେ ସିମେଣ୍ଟ ବାଲି ମିଶ୍ରଣରେ ହେବା କଥା ତାହା ହୋଇନି। ଫଳରେ ଟିକିଏ ବର୍ଷାରେ ତାହା ଭାଙ୍ଗି ପଡ଼ିଛି। ସେହିପରି ଯେଉଁ ନିୟମ ଅନୁସାରେ କାନ୍ଥ ହେବା କଥା ତାହା ମଧ୍ୟ ହେଇନି। ଫଳରେ କମ ଦିନରେ ରାସ୍ତା ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ ଯେ ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟକୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସତ୍ୟ ନାରାୟଣ ବିଶୋଇଙ୍କ ଯୋଗାଯୋଗ ବେଳେ ସେ କହିଛନ୍ତି ରାସ୍ତାର ତଦନ୍ତ ପାଇଁ ଆସିବେ ବୋଲି।

# ମା'ଙ୍କ ଚିତାରେ ମୁଖାଗ୍ନି ଦେଲେ ଝିଅ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ମାଆଙ୍କ ଅନ୍ତେଷ୍ଟି କ୍ରିୟାରେ ନିଜ ସାନଝିଅ ଦେଲେ ମୁଖାଗ୍ନି। ଏଭଳି ଘଟଣା ଉମରକୋଟଠାରେ ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲାର ଉମର କୋଟ ବ୍ଲକ ସାମ୍ବାଦିକ ତଥା ଜଣେ ବରିଷ୍ଠ ଆଇନଜୀବୀ ହରିହର ଶତପଥୀଙ୍କ ଧର୍ମପତ୍ନୀଙ୍କ କୁନ୍ତଳା ଶତପଥୀ (ଶାନ୍ତି)ଙ୍କ ମୃତ୍ୟୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଘଟିଛି। ତାଙ୍କର କେବଳ ଦୁଇଟି ଝିଅ ଥିବାବେଳେ ବଡ଼ ଝିଅ ବିବାହିତା। ଦୀର୍ଘଦିନ ଧରି କୁନ୍ତଳା କୁମାରୀଙ୍କର ବ୍ରେନ ଟ୍ୟୁମର ବ୍ୟାଧିରେ ପୀଡ଼ିତ ରହିଥିଲେ। ଦୁଇଦିନ ପୂର୍ବେ କୁନ୍ତଳାଙ୍କୁ ପ୍ରଥମେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ସମାଜର ରିତିନୀତି ଅନୁସାରେ ଅନ୍ତ୍ୟେଷ୍ଟୀ କ୍ରିୟା କର୍ମ ହିନ୍ଦୁ ଧର୍ମର ବ୍ରାହ୍ମଣ ପରିବାରରେ ଥିବା ନିୟମାନୁସାରେ କେବଳ ପୁଅ ସମ୍ପନ୍ନ କରିବାର ଅଧିକାର ଥିବା ବେଳେ କୁନ୍ତଳାଙ୍କ ଶେଷ କୃତ୍ୟ କାର୍ଯ୍ୟ ତାଙ୍କ ସାନ ଝିଅ ଆଇନଜୀବୀ ଲୋପାମୁଦ୍ରା ଶତପଥୀ ସମ୍ପନ୍ନ କରିଛନ୍ତି।

ତାଙ୍କ କହିବା ଅନୁଯାୟୀ ପୁଅ ନଥିବା ବାପା ମାଆଙ୍କ ଶେଷକୃତ୍ୟ କରିବାର ଅଧିକାର ଜନ୍ମିତ ଝିଅର ରହିଛି ଏହା ଶାସ୍ତ୍ର ମତରେ ବିଧାନ ଅଛି। ସମାଜରେ ଏହି ବାର୍ତ୍ତା ପ୍ରଦାନ କରିବା ସହ ତାଙ୍କ ମାଆଙ୍କ ଆତ୍ମାର ଶାନ୍ତି ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି ଲୋପାମୁଦ୍ରା। ଏହାକୁ ଶ୍ମଶାନ ଗାମୀ କିଛି ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଥିବା ବେଳେ ଉମରକୋଟ ସହରରେ ଝିଅଙ୍କର ଏହି କାର୍ଯ୍ୟ ନେଇ ଚର୍ଚ୍ଚା ହେଉଛି। ଡଙ୍ଗର ଭେଜାରେ ତାଙ୍କର ପୈତୃକ ଘର ହୋଇଥିବାବେଳେ ସେ ରାଜ୍ୟ ଶିକ୍ଷକ ସଂଘ ସଭାପତି ବାଲା ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ହରି ତ୍ରିପାଠୀଙ୍କର ଭଉଣୀ ଅଟନ୍ତି। ବିଭିନ୍ନ ମହଲରେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

# ଫାଇଲେରିଆ ନିରାକରଣ ଅଭିଯାନର ଅଗ୍ରଗତି ସମୀକ୍ଷା କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମିନି ସଭା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ,ସୁବର୍ଣ୍ଣପୁର ଡ଼. ନୃପରାଜ୍ ସାହୁ ସୁବର୍ଣ୍ଣପୁର ଜିଲ୍ଲାରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଜିଲ୍ଲା ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ପ୍ରେସ ବିବୃତ୍ତି ମାଧ୍ୟମରେ ଅବଗତ କରିଥିଲେ ଯେ ଗତ ତା ୧୦.୦୮.୨୦୨୫ ରିଖ ଠାରୁ ତା ୧୯.୦୮.୨୦୨୫ ରିଖ ମଧ୍ୟରେ ଜିଲ୍ଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଦ୍ୱୟର ଗ୍ରାମାଞ୍ଚଳ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ପଞ୍ଚାୟତ ସମିତିର ଗ୍ରାମ ପଞ୍ଚାୟତ ଓ ମ୍ୟୁନିସିପାଲଟି/ ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବମୋଟ ୪,୩୦୬୧୮ ଲୋକଙ୍କୁ ଫାଇଲେରିଆ ରୋଗ ସାମୁହିକ ଔଷଧ ସେବନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତନ୍ମଧ୍ୟରୁ ତା ୧୮.୦୮.୨୦୨୫ ରିଖ ସୁଦ୍ଧା ୩,୪୦,୪୩୫ ଲୋକଙ୍କୁ ଫାଇଲେରିଆ ରୋଗର ସାମୁହିକ ଔଷଧ ସେବନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ପ୍ରକାଶ କଲେ ଯେ ତା ୧୮.୦୮.୨୦୨୫ ସୁଦ୍ଧା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ମୋଟ ୩୦,୯୨୭ ଲୋକଙ୍କ ମଧ୍ୟରୁ ୧୭,୯୬୭ ଲୋକଙ୍କୁ, ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ମୋଟ ୮,୭୮୪ ଲୋକଙ୍କ ମଧ୍ୟରୁ ୫,୫୫୯ ଲୋକଙ୍କୁ, ସୋନପୁର ମ୍ୟୁନିସିପାଲଟି ର ୨୫,୨୩୯ ଲୋକଙ୍କ ମଧ୍ୟରୁ ୨୩,୧୭୭ ଲୋକଙ୍କୁ, ବୀରମହାରାଜପୁର ବ୍ଲକର ମୋଟ ୧,୦୧,୩୦୦ ଲୋକଙ୍କ ମଧ୍ୟରୁ ୮୦,୮୫୪ ଲୋକଙ୍କୁ, ଉଲୁଣ୍ଡା ବ୍ଲକର ମୋଟ ୯୫,୫୩୭ ଲୋକଙ୍କ ମଧ୍ୟରୁ ୮୨,୨୩୧ ଲୋକଙ୍କୁ ଓ ସୋନପୁର ବ୍ଲକର ୮୫,୩୪୬ ଲୋକଙ୍କ ମଧ୍ୟରୁ ୬୫,୦୯୪ ଲୋକଙ୍କୁ ଫାଇଲେରିଆ ରୋଗର ଔଷଧ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ମାଧ୍ୟମରେ ସେବନ କରାଯାଇଛି। ସାମୁହିକ ଔଷଧ ସେବନର ହାର ୮୫.୫୩%(ପ୍ରତିଶତ) ଅଟେ। ଫାଇଲେରିଆ ରୋଗର ଔଷଧ ଖାଇଥିବା ଲୋକମାନଙ୍କ ମଧ୍ୟରୁ କୌଣସି ଲୋକ ଔଷଧର ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହୋଇନାହାନ୍ତି କିମ୍ବା ସେମାନଙ୍କର କୌଣସି ଅଘଟଣ ହୋଇନାହିଁ। ସୁବର୍ଣ୍ଣପୁର ଜିଲ୍ଲାର ଫାଇଲେରିଆ ଔଷଧ ଖାଇ ନ ଥିବା ଅବଶିଷ୍ଟ ୯୦,୧୮୩ ଲୋକଙ୍କୁ ଆଗାମୀ ୦୩ (ତିନି) ଦିନ ମଧ୍ୟରେ ଔଷଧ ଖୁଆଇବା ପାଇଁ ଜିଲ୍ଲା ପ୍ରଶାସନ ଯୋଜନା କରିଥିବା ବିଷୟ ଅବଗତ କରାଇଥିଲେ। ଏହି ଅବସରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ ଯେ ବୟସ ଅନୁଯାୟୀ ଉପଯୁକ୍ତ ମାତ୍ରା ପରିମାଣର ଔଷଧ ସ୍ୱାସ୍ଥ୍ୟ କର୍ମୀଙ୍କ ତତ୍ତ୍ୱାବଧାନରେ ଆଗାମୀ ତିନି ଦିନ ତା ୨୨.୦୮.୨୦୨୫ ରିଖ ମଧ୍ୟରେ ଔଷଧ ସେବନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ। ଏହି ପ୍ରେସ ବିବୃତି ପ୍ରଦାନ ସମୟରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ପଞ୍ଚାୟତ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ,ସୁବର୍ଣ୍ଣପୁର, ଡ ଉଷାରାଣୀ ଦାସ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ,ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ. ତ୍ରିବିକ୍ରମ ପାଣ୍ଡିଆ,ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାର ମ୍ୟାନେଜର, ଜିଲ୍ଲା ସ୍ତରୀୟ ଅଧିକାରୀ, ଫାଲେରିଆ ରୋଗ ନିରାକରଣ, ସୁବର୍ଣ୍ଣପୁରଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲା ବିଭିନ୍ନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ଫସଲ ବୀମା କ୍ଷତିପୂରଣ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଶହଶହ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଅଖିଳ ଭାରତ କୃଷକ ସଭାର କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହିତ ଚାଷୀଙ୍କ ଫସଲ ବୀମାର କ୍ଷତିପୂରଣ ତୁରନ୍ତ ପ୍ରଦାନ ନିମନ୍ତେ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କୃଷକ ନେତା କୈଳାସ ଷଡ଼ଙ୍ଗୀ, ଜିଲ୍ଲା ନେତା ଗୋପାଳ କୃଷ୍ଣ ପାଣିଗ୍ରାହୀ, ଜିଲ୍ଲା



ସମ୍ପାଦକ ଅଜୟ ଗୌଡ଼, ଯୋଗେଶ ସାହୁ, ବିଭୂ ପ୍ରସାଦ ପାଣିଗ୍ରାହୀ, ବୈରାଗୀ ବେହେରା, ମୋଚିଆ ଶବର, ଶୁକ୍ରୁ ଶବର, ଉଲ୍ଲାସ ଶବର ଓ ଗୋବର୍ଦ୍ଧନ ପାହାନଙ୍କ ସମେତ ବହୁ କୃଷକ ନେତା ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସରଳୀକରଣ କରି ଅବଧି ବୃଦ୍ଧି କରିବା। ଗତ ଖରିଫ ଫସଲ ଅମଳ ବେଳେ ଅଦିନିଆ ବର୍ଷାର ଫସଲ ବୀମା କ୍ଷତି ପୂରଣ ପ୍ରଦାନ କରିବା, ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା, ଦଖଲ ସରକାରୀ ଜମି ଓ ଘର ପଟ୍ଟା ପ୍ରଦାନ, ରିହାତି ଦରରେ ସାର, ବିହନ ଓ ଔଷଧ ପ୍ରଦାନ ସହିତ କଳା ବଜାର ବନ୍ଦ କରିବା, ନୂତନ ଜଳ ପ୍ରକଳ୍ପ କରି ସବୁ ଅଞ୍ଚଳକୁ ଜଳସେଚନ କରିବା ଏବଂ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବା, ବନ୍ୟଜନ୍ତୁଦାଉରୁ ଚାଷୀ ଫସଲ ରକ୍ଷା ପାଇଁ ବନ୍ୟ ସଂରକ୍ଷଣ ଆଇନ ସଂଶୋଧନ କରିବା, ମନରେଗା ଯୋଜନାରେ ମୂଲିଆଙ୍କୁ ବାର୍ଷିକ ୨୦୦ଦିନ କାମ ସହିତ ଦୈନିକ ୬ଶହ ଟଙ୍କା ମଜୁରୀ ଦେବା, ଜିଲାପାଳ ଓ ବ୍ଲକ କୃଷି କାର୍ଯ୍ୟାଳୟରେ ଫସଲ ବୀମା ଦପ୍ତର ଖୋଲିବା, ଚାଷୀଙ୍କ ଜମିରେ ମାଗଣାରେ ବୋରୱେଲ୍ ଖନନ ଓ ଅଚଳ ଉଠାଜଳସେଚନ ପଏଣ୍ଟ ମରାମତି ଏବଂ ଆଡ଼ିବନ୍ଧ ନିର୍ମାଣ କରିବା ନିମନ୍ତେ ସେମାନେ ଦାବି କରିଛନ୍ତି।

# ୨ ବର୍ଷ ହେଲାଣି ଭାଙ୍ଗିଲାଣି କଲ୍‌ଭର୍ଟ : ହେଉନି ମରାମତି



**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ଫୁଲବାଣୀ ବ୍ଲକ ଅନ୍ତର୍ଗତ ତେରାଗୁଡ଼ା ଗ୍ରାମର ସାଲୁଁକି ନଦୀ ଉପରେ ନିର୍ମିତ କଲଭର୍ଟ ଦୁଇ ବର୍ଷ ହେଲା ପ୍ରବଳ ବର୍ଷାରେ ଭାଙ୍ଗି ଯାଇଥିଲା। ଏହି କଲଭର୍ଟଟି ଫୁଲବାଣୀ ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟଠାରୁ ପ୍ରାୟ ଦୁଇ କିମି ଦୂରରେ ଥିବା ତେରାଗୁଡା ଗ୍ରାମ ଦେଇ ଯାଇଥିବା ସାଲୁଁକି ନଦୀରେ ନିର୍ମିତ ହୋଇଥିଲା। ଏହି କଲଭର୍ଟଟି ତେରାଗୁଡ଼ା ଗ୍ରାମ ଓ ପୋଲିସ ବାରକ, ସାଲୁଁକି ସାହି, ଇରିଗେଶନ କଲୋନୀ, ଦଧିବାମନ ସାହିର ଲୋକ ନିର୍ଭର କରୁଥିଲେ। ବିଶେଷ କରି କୋଭିଡ ସମୟରେ ଆମ୍ବୁଲାନ୍ସ ଯାଉଥିଲା। ନିକଟରେ ଥିବା ମହାବିଦ୍ୟାଳୟର ଯେବେ କିଛି ଅଘଟଣ ଘଟେ ପୋଲିସ ତୁରନ୍ତ ତେରାଗୁଡା ଗ୍ରାମଦେଇ ସହଜରେ ପହଞ୍ଚିଥାଏ। ମାଓବାଦୀ ପ୍ରଭାବିତ ଅଞ୍ଚଳ ପାଇଁ ପୋଲିସକୁ ବାଇପାସ୍ ରାସ୍ତାରେ ଯିବା ସହାୟକ ହୋଇଥାଏ। କିନ୍ତୁ ଦୁଇ ବର୍ଷ ହେଲା ଏହି କଲଭର୍ଟର ମରାମତି ଆବଶ୍ୟକ ଥିବାବେଳେ ତାହା ହୋଇପାରୁନି। ତୁରନ୍ତ ଏହାର ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ଖଡ଼ିରତ୍ନ ସନାତନ ସ୍ମୃତି ଟ୍ରଷ୍ଟ ପକ୍ଷରୁ ୮୦ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଆର୍ ବିଞ୍ଚଣାପଲ୍ଲୀ ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଖଡିରତ୍ନ ସନାତନ ସ୍ମୃତି ଟ୍ରଷ୍ଟ, ଶ୍ରୀହରି ମେଡ଼ିକାଲ ଷ୍ଟୋର ବ୍ରହ୍ମପୁର ଓ ଚଉଦଦେଶ କର୍ମଚାରୀ ସେବା ସଂଘ ରମ୍ଭାର ମିଳିତ ଆନୁକୂଲ୍ୟରେ ମାଗଣା ମେଗା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ପ୍ରଥମ ଅଧିବେଶନକୁ ମତ୍ସ୍ୟ ଉପ ନିର୍ଦ୍ଦେଶକ ବ୍ରହ୍ମପୁରର ସୁରେଶ୍ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଚିଲିକା ମତ୍ସ୍ୟଜୀବୀ ମହିଳା ସଂଘର ସଭାନେତ୍ରୀ ମୀନା କୁମାରୀ ତାହଲ, ସମ୍ମାନୀତ ଅତିଥି ଭାବେ ଚଉଦଦେଶ କର୍ମଚାରୀ ସେବା ସଂଘର ସଭାପତି ପ୍ରହଲ୍ଲାଦ ବେହେରା, ସୁରେନ୍ଦ୍ର ବେହେରା,ଦିଲ୍ଲୀପ ବେହେରା, ମୃତ୍ୟୁଞ୍ଜୟ ବେହେରା, ଚିତ୍ରସେନ ଦାସ, ଓ ଖଡ଼ିରତ୍ନ ସନାତନ ସ୍ମୃତି ଟ୍ରଷ୍ଟର ଅଧକ୍ଷ ବିଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ମତପୋଷଣ କରିଥିଲେ। ଏହି ଶିବିରକୁ କୃଷ୍ଣ ପ୍ରସାଦ ପାରିକୁଦ ନୂଆପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସନ୍ତୋଷ କୁମାର ବେହେରା ଓ ବ୍ରହ୍ମପୁରର ଚକ୍ଷୁ ଡାକ୍ତର ରାଜେନ୍ଦ୍ର କୁମାର ବେହେରା, ସ୍ୱାସ୍ଥ୍ୟ କର୍ମଚାରୀ କୃପାସିନ୍ଧୁ ବେହେରା, ଶୁଭେନ୍ଦୁ ପଟ୍ଟନାୟକ ଓ ଅଙ୍ଗନ୍ୱାଡ଼ିକର୍ମୀ ଆରତୀ ପ୍ରଧାନ, ଆଶା କର୍ମୀ ଶାନ୍ତିଲତା ନାହାକ ଉପସ୍ଥିତ ରହି ପ୍ରାୟ ୮୦ଜଣ ରୋଗୀଙ୍କ ରକ୍ତ ଚାପ, ମଧୁମେହ ଓ ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱପ୍ରଶିକ୍ଷଣ ତାଲିମ କେନ୍ଦ୍ର ଶିକ୍ଷକ ବିଶ୍ୱନାଥ ବେହେରା, ବିନୋଦ ବେହେରା ଓ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ ମୋଚିରାମ ବେହେରା, ସୀମାଞ୍ଚଳ ବେହେରା, ଦୁଖିଶ୍ୟାମ ବେହେରା, ଭିକୁ ଚରଣ ବେହେରା ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଞ୍ଚଣାପଲ୍ଲୀ ଗ୍ରାମର ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ ରତ ୨୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ସେବା ସଂଘ ପକ୍ଷରୁ ବରିଷ୍ଠ ସଦସ୍ୟ ଶିକ୍ଷକ ହରେକୃଷ୍ଣ ମଲ୍ଲିକ, ସମୀର କୁମାର ଅଧିକାରୀ, ଗାୟତ୍ରୀ ବେହେରା, ନିଳେନ୍ଦ୍ରି ବେହେରା, ମୋଚିରାମ ବେହେରା, ଉଜ୍ଜ୍ୱଳ ବେହେରା ଯୋଗଦେଇ ଇଂରାଜୀ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ କରିଥିଲେ। ଏହି ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ଖଡ଼ିରତ୍ନ ସନାତନ ସ୍ମୃତି ଟ୍ରଷ୍ଟର ରୀନାରାଣୀ ବେହେରା, ହେମରଶ୍ମୀ ବେହେରା, ଶିବଶଙ୍କର ବେହେରା, ଶିବବେହେରା, ଅଂଶୁମାନ ବେହେରା, ରୋହିତ ବେହେରା, ଲଳିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**ଚାନ୍ଦବାଲି, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ସାରା ରାଜ୍ୟର ମହାବିଦ୍ୟାଳୟ ଗୁଡ଼ିକରେ ସଙ୍ଗର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମଛାଡ଼ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପେକ୍ଷୀରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ଼ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଗତ ୧୮ ତାରିଖଠାରୁ କଲମ ଛାଡ଼ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସି ରହିଛନ୍ତି ଆନ୍ଦୋଳନକାରୀ ଅଧ୍ୟାପକ ଓ ଅଧ୍ୟାପିକା। ଫଳରେ କଲେଜରେ ଶିକ୍ଷାଦାନ ସହିତ ଅନ୍ୟାନ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଦେଖିବାକୁ ମିଳୁଛି। ଏବେ ମଧ୍ୟ ପିଲାଙ୍କ ପରୀକ୍ଷା



ଥିବା କାରଣରୁ ପିଲାମାନେ ହଇରାଣ ହେଉଥିବା ମହାବିଦ୍ୟାଳୟର ପିଲା ମାନେ ପ୍ରକାଶ କରିଥିଲେ। ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ୨୦୦୮ରୁ ୨୦୧୮ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲା।

ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଓଡ଼ିଶାର ସମସ୍ତ କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି କ୍ଷେତ୍ରରେ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀମାନେ କଲେଜ ପରିସରରେ ଧାରଣା ଦେବା ସହ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଅନୁଦାନ ଘୋଷଣା ନକରିବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ ବୋଲି ଦାବି କରିଛନ୍ତି। ଚାନ୍ଦବାଲି ମହାବିଦ୍ୟାଳୟ ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀମାନେ ସମାନ କାର୍ଯ୍ୟକୁ ସମାନ ଦରମା ପାଇଁ ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି ଦରମା ପାଉନ ଥିବାବେଳେ ଏ ନେଇ ପୂର୍ବରୁ ବିଜେଡି ସରକାର ଏବଂ ଏବେ ବିଜେପି ସରକାରଙ୍କ ନିକଟରେ ଦାବି ଜଣାଇ ଥିଲେ ବି ଏ ପର୍ଯ୍ୟନ୍ତ ସୁଫଳ ମିଳିନି। ଅଗାମୀ ଦିନରେ ସରକାର ଦାବି ପୂରଣ ନକରନ୍ତି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏଥିରେ ସତ୍ୟପ୍ରକାଶ ବେହେରା, ଦେବାଶିଷ ମହାନ୍ତି, ହେମନ୍ତ କୁମାର ସାହୁ, ସୁଜିତ କୁମାର ଖୁଣ୍ଟିଆ, ରାଜେଶ ସାହୁ, ରତି ରଞ୍ଜନ ସାହୁ, ବିଭୁତି ଭୂଷଣ ସାହୁ, ବିକ୍ରମ ପ୍ରଧାନ, ବସନ୍ତ ଦାସ, ସେକ ରହିମୁଦ୍ଦିନ, ପ୍ରଭାତୀ ବାରିକ, ପ୍ରିୟଙ୍କା ବାରିକ, ଜ୍ୟୋସ୍ନାରାଣୀ ଦାସ, ସବିତା ପରିଡ଼ା, ଲଳିତା ମଲ୍ଲିକ, ସାବିତ୍ରୀ ନାୟକ, ଚିନ୍ମୟ ସାହୁ, ପ୍ରଦୀପ ମଲ୍ଲିକ, ଜିତେନ୍ଦ୍ର ସାହୁ, ଅରୋଶିଷ କୁଆଁର, ବିଜୟିନୀ ପାଣି ଓ ହେମା ବାରାଇ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର ଙ୍କ ନେତୃତ୍ୱରେ ବୀରମହାରାଜପୁର ଆଇସିଡ଼ିସ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଥପୁର୍ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ବୀରମହାରାଜପୁରରେ ୧୦୯୮ ଏବଂ ଶିଶୁ ଶ୍ରମିକ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦ ଅଙ୍ଗନୱାଡ଼ି କର୍ମକର୍ତ୍ତା ଏବଂ ବିଦ୍ୟାଳୟ ମାନଙ୍କର ୨୦୦ରୁ ଉର୍ଦ୍ଧ୍ୱ ଶିଶୁମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର ଚାଇଲ୍ଡ ହେଲ୍ପ ଲାଇନର କାଉନସିଲର୍ ସୁଧୀର କୁମାର ଦାସ, ସୁପରଭାଇଜର୍ ଧର୍ମେନ୍ଦ୍ର ଦାସ ଏବଂ ରୋଜୀ ଶା, ପ୍ରଶାନ୍ତ ମହାକୁଡ କାଉନସିଲର୍ ଗୌତମ ମହାପାତ୍ର ପି ଓ ଏନ ଆଇ ସି, ଡି ସି ପି ୟୁ ଏବଂ ଲେବର ବିଭାଗ ଦୁଇଜଣ ଏ ଏଲ୍ ଓ ଉପସ୍ଥିତ ରହି ୧୦୯୮ ଟୋଲ ଫ୍ରି ନ ର କାର୍ଯ୍ୟକାରିତା ଏବଂ ଶିଶୁ ଶ୍ରମିକ ଆଇନ ବିଷୟରେ, ଶିଶୁ ମାନଙ୍କ ପୁଷ୍ଟପୋଷକତା ବିଷୟରେ, ଶିଶୁମାନଙ୍କ ସମଗ୍ରଆଇନର କାର୍ଯ୍ୟକାରିତା ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ।

# ଦିବ୍ୟାଙ୍ଗମାନଙ୍କୁ ତିନି ଚକିଆ ଗାଡ଼ି ଯୋଗାଇ ଦେବା ପାଇଁ ଦାବି



**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

ଦିବ୍ୟାଙ୍ଗମାନଙ୍କୁ ତିନି ଚକିଆ ଅଟୋରିକ୍ସା ଓ ସ୍କୁଟର ଯୋଗାଇ ଦେବା ପାଇଁ ବାଲିଗୁଡ଼ା ଉପଖଣ୍ଡ ଭଡା ହିତାଧିକାରୀ ସୁରକ୍ଷା ମଞ୍ଚ ତରଫରୁ ଦାବି କରାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ଯିବା ଆସିବାରେ ଅସୁବିଧା ହେଉଥିବାରୁ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଏହି ଗାଡ଼ି ଯୋଗାଇ ଦିଆଯାଉଛି। କିନ୍ତୁ ବାଲିଗୁଡ଼ା ଅଞ୍ଚଳର କିଛି ଦିବ୍ୟାଙ୍ଗ ଏହି ସବୁ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସେମାନଙ୍କୁ ଏହି ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି। ସଭାପତି ପରମାନନ୍ଦ ନାୟକ, ଉପଦେଷ୍ଟା ଅଶୋକ ମଲିକଙ୍କ ନେତୃତ୍ୱରେ ବାଲିଗୁଡ଼ା ଏନଏସିର ଦିବ୍ୟାଙ୍ଗ ଭବାନୀ ଶଙ୍କର ନନ୍ଦ, ଏସ ନୀଳାଚଳ ପାତ୍ର, ବାବୁଲା ପଲେଇ ଓ ଗୁଲାମ ରସୁଲ ସାମାଜିକ ଅଧିକାରୀ ପି. ପଦ୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ନିଆଁରେ ପୋଡ଼ି ହୋଇଯାଇଥିଲେ ଆଦିବାସୀ ଝିଅ : ଏବେ ମିଳୁନି ଆୟୁଷ୍ମାନ ଚିକିତ୍ସା କାର୍ଡ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଦୁଇ ବର୍ଷ ତଳେ ଶୀତ ଋତୁରେ ନିଆଁ ପୁଇଁ ହେଉଥିବା ବେଳେ ନିଆଁରେ ପୋଡ଼ି ହୋଇ ଆହତ ହୋଇ ଶାରୀରିକ ଭିନ୍ନକ୍ଷମ ହୋଇଥିବା ଜଣେ ୮ ବର୍ଷର ଆଦିବାସୀ ଝିଅ ଏବେ ଅର୍ଥାଭାବରୁ ଅପରେସନ ହୋଇ ପାରୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ତାଙ୍କ ନାମ ଦୀପାଞ୍ଜଳି ମୁଣ୍ଡା। ସେ ଏବେ ପ୍ରଥମ ଶ୍ରେଣୀରେ ଗାଁ ସ୍କୁଲରେ ନାମ ଲେଖାଇଥିବା ବେଳେ ନିଆଁରେ ପୋଡ଼ି ଯାଇ ବାମ ଗୋଡ଼ଟି ଚଳପ୍ରଚଳ ହୋଇ ପାରୁ ନ ଥିବାରୁ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଦୁଇ ବର୍ଷ ତଳେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଉଅଁରପୁର ପଞ୍ଚାୟତ ଉଅଁରପୁର ଗାଁର ସୁଶାନ୍ତ ମୁଣ୍ଡା ଓ ଲକ୍ଷ୍ମୀଙ୍କ କନ୍ୟା ଦୀପାଞ୍ଜଳି (୮) ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁ ପୁଇଁ ହେଉଥିବାବେଳେ ଅସାବଧାନତା କାରଣରୁ ପୋଷାକରେ ନିଆଁ ଲାଗି ଯାଇଥିଲା। ନିଆଁରେ ପଡ଼ିଯିବାରୁ ଦେହ, ହାତ ଓ ଗୋଡ଼ ପୋଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବହୁ କଷ୍ଟ ଯନ୍ତ୍ରଣା ସହି ଦୀର୍ଘ ମାସ ପରେ ସୁସ୍ଥ ହୋଇଥିଲେ। ଛୋଟ ପିଲାଟି ଯନ୍ତ୍ରଣାରେ ବହୁକଷ୍ଟ ପାଉଛି। ବାମଗୋଡ଼ ଚମଡ଼ା ପୋଡ଼ିଯାଇ ମାଂସ ସହ ଲାଗି ଯାଇଥିବାରୁ ଦୀପାଞ୍ଜଳି ଚଳପ୍ରଚଳ କରିପାରୁନାହିଁ।

ଆୟୁଷମାନ କାର୍ଡ ନ ଥିବାରୁ ଦୀପାଞ୍ଜଳିଙ୍କ ମାଗଣା ଅପରେସନ ହୋଇପାରିଲାନି। ପରିବାର ଆର୍ଥିକ ଅନଟନ ଯୋଗୁ ମେଡ଼ିକାଲରୁ ଆସି ଏବେ



ଘରେ ପଡ଼ିରହିଛନ୍ତି କୁନି ଝିଅ ଜଣକ।

ତାଙ୍କ ବାପା ସୁଶାନ୍ତ ଜଣେ ମିସ୍ତ୍ରୀ। ବହୁ କଷ୍ଟରେ ଯାହା କିଛି ଖଟି ଆଣନ୍ତି ସେଥିରେ ସ୍ତ୍ରୀ, ଚାରି ଝିଅଙ୍କୁ ନେଇ ସଂସାର ଚଳାଇ ଆସୁଛନ୍ତି। ବଡ଼ ଝିଅ ଲିପ୍ସା ଏସ୍‌ଟି/ ଏସ୍‌ସି ସ୍କୁଲରେ ୭ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ତଳ ଭଉଣୀ ଝରଣା ଗାଁ ସ୍କୁଲରେ ୪ ଶ୍ରେଣୀରେ ପଢୁଛନ୍ତି। ଦୀପାଞ୍ଜଳି ଅସୁସ୍ଥତା କାରଣରୁ ଏବେ ପ୍ରଥମ ଶ୍ରେଣୀରେ ନାମ ଲେଖିଥିବା ତାଙ୍କ ବାପା କହିଛନ୍ତି। ଏହା ପରେ ଆଉ ଜଣେ ତିନି ବର୍ଷର ସାନ ଝିଅ ଘରେ ଅଛି।

ଗତ ଜୁନ୍ ମାସରେ ଦିପାଞ୍ଜଳିଙ୍କର ପ୍ଲାଷ୍ଟିକ ସର୍ଜରୀ ହେବାର ଥିଲା। ଏଥିପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ଜଣେ ସୁପର ସ୍ପେସାଲିଷ୍ଟ ଡାକ୍ତର ଅପରେସନ କରିବା ନେଇ କହିଥିଲେ। କିନ୍ତୁ ହଠାତ୍ ଆୟୁଷ୍ମାନ କାର୍ଡର ପ୍ରଚଳନ ଝିଅର ଅପରେସନରେ ବାଧା ସୃଷ୍ଟି ହେଲା ବୋଲି ସୁଶାନ୍ତ କହିଛନ୍ତି। କାରଣ ଝିଅ ନାମରେ ଆୟୁଷ୍ମାନ କାର୍ଡ ହୋଇ ପାରିଲା ନାହିଁ। ଏଣୁ ମାଗଣା ଚିକିତ୍ସା ହୋଇପାରୁନାହିଁ। ତେବେ ଡାକ୍ତର କହିଲେ ଏବେ ଅପରେସନ ପାଇଁ ୧.୨୦ ଲକ୍ଷ ଟଙ୍କା ଆବଶ୍ୟକ। ଏତେ ଟଙ୍କା କେଉଁଠୁ ଯୋଗାଡ଼ କରିବି। ତା'ର ଚିକିତ୍ସା ଓ ଘର ଚଳାଇବାରେ ସବୁ ସାରି ଦେଇଛି ବୋଲି ସୁଶାନ୍ତ କହିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ସହାୟତା ପ୍ରଦାନ କଲେ ଝିଅର ଅପରେସନ ହୋଇ ପାରିବ ଏବଂ ଚଲାବୁଲା କରିବା ସହ ଭବିଷ୍ୟତରେ ନିଜ ଗୋଡ଼ରେ ଛିଡ଼ା ହୋଇ ପାରନ୍ତା ବୋଲି ସୁଶାନ୍ତ କହିଛନ୍ତି। ଏଣୁ ତୁରନ୍ତ ଝିଅଟିର ଅପରେସନ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ମଧ୍ୟ ନିବେଦନ କରିଛନ୍ତି।

# ରାମଚଣ୍ଡୀ ମୁହାଣରେ ଜେଲିଫିସ୍‌ଙ୍କ ମୃତଦେହ

**ଗୋପ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ଚନ୍ଦ୍ରଭାଗାରୁ ରାମଚଣ୍ଡୀ ମୁହାଣ ନିକଟ ଇକୋ ରିଟ୍ରିଟ୍ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଶହ ଶହ ବିରଳ ପ୍ରଜାତିର ବ୍ଲୁ ବଟମ ଜେଲିଫିସ୍ ମରି ପଡ଼ିଛନ୍ତି। ଏନେଇ ପରିବେଶବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସମୁଦ୍ରରେ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାମୁଦ୍ରିକ ପରିସଂସ୍ଥା ଉପରେ ପଡୁଥିବାରୁ ଏହି ଜେଲିଫିସ୍ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଘଟଣା ସମ୍ପର୍କରେ ଅନୁଧ୍ୟାନ ପାଇଁ ଜୈବ ବିଶେଷଜ୍ଞ କମିଟି କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ପରିବେଶବିତ୍, ଗବେଷକ ଓ କୋଣାର୍କ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ଆସନ୍ତା ୨୫ ବର୍ଷରେ ସବୁ ଦେଶରେ ବଡ଼ଧରଣର କ୍ଷତି ପହଞ୍ଚାଇବ ଜଳବାୟୁ ପରିବର୍ତ୍ତନ

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ୍ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ



ଶ୍ରୀ ଅଭିରାମ ସରସ୍ୱତୀ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)

ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

(କ୍ରମଶଃ)

# ବଧୂ ବିଦେଶିନୀ–୩୪

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୪୮ ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ଆଶୀର୍ବାଦ ପ୍ରାପ୍ତି



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେଉଁ ଦିନ ଉଦୟନ ଗ୍ରାମ ଗମନ କରିଥିଲେ, ସେହି ଦିନ ସଂଧ୍ୟାରେ ମୁଁ ଓ ସୁହାସିନୀ ଆମ୍ଭ ଯବଦେଶରୁ ଆମ୍ଭସହ ଆସିଥିବା ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ଗୃହକୁ ଗଲୁ। ଭିତର କକ୍ଷରେ ଗୁରୁ ଥିଲେ ଓ ତେଣୁ ଗୁରୁମାତାଙ୍କ ସହ ପ୍ରଥମେ କଥାବାର୍ତ୍ତା କରିବାର ସୁଯୋଗ ମିଳିଲା। ସୁହାସୀ କଥା ପରିବର୍ତ୍ତନ କରି କହିଲା, ମାତେ, ''ଆମ୍ଭେ ଏକ ଗୁରୁତର ସମସ୍ୟା ନେଇ ତୁମ୍ଭ ପାଖକୁ ଆସିଲୁ। ତୁମ୍ଭେ, ନିଜେ ଓ ଆଚାର୍ଯ୍ୟଙ୍କୁ କହି କଲ୍ଲୋଳାକୁ ଏ କାର୍ଯ୍ୟରେ ଆଶୀର୍ବାଦ ଦେବ ବୋଲି ଆଶା କରି ଆସିଛୁ।" ଗୁରୁମାତା ବ୍ୟଗ୍ର ହୋଇ ସମସ୍ତ କହିବାକୁ ଉତ୍ସୁକତା ଦେଖାଇବାରୁ, ସୁହାସୀ ସବୁ ବିଷୟ କହିଚାଲିଲା। ମାତା ଗମ୍ଭୀର ହୋଇ ମୋର ଏ ତ୍ୟାଗ ଓ ପ୍ରେମ ବିଷୟରେ ପ୍ରଶ୍ନ କଲାରୁ ମୁଁ ମୋର ସମସ୍ତ ରାଜସୁଖ ଭୋଗ ନ କରି ବିଦ୍ୟା ବିତରଣ କରିବା ମୋର ଜୀବନର ଲକ୍ଷ୍ୟ ବୋଲି କହିଲି। ମାତା ଆମ୍ଭକୁ " ଅପେକ୍ଷା କର" ବୋଲି କହି ଭିତର କକ୍ଷକୁ ଆଚାର୍ଯ୍ୟଙ୍କ ସହ କଥା ହେବାକୁ ଗଲେ।

କିଛି ସମୟ ପରେ କକ୍ଷରେ ଥାଇ ଆମ୍ଭ ଦ୍ୱୟଙ୍କୁ ଡାକିଲେ। ଆମ୍ଭେ ଯାଇ ଆଚାର୍ଯ୍ୟଙ୍କୁ ପ୍ରଣାମ କଲୁ। ଆଚାର୍ଯ୍ୟ ମୋତେ କହିଲେ, " ପୁତ୍ରୀ, ମୁଁ ତୁମ୍ଭ ମାତାଙ୍କଠାରୁ ସବୁ ଶୁଣିଛି ଓ ସମସ୍ତ ବିଚାର କରି ତୋତେ ଆଶୀର୍ବାଦ ଦେଉଛି। ତୁ ଯଶସ୍ୱିନୀ ହୁଅ ଓ ଜୀବନରେ ନିଜ ପତି ସହ ମିଳିକରି ବିଦ୍ୟାଧନ ସମାଜରେ ବିତରଣ କର।" ମୁଁ କୃତ୍ୟ କୃତ୍ୟ ମନେ କରି ଆଭାର ପ୍ରକଟ କରିବାରୁ ଆଚାର୍ଯ୍ୟ ପୁନଃ କହିଲେ, " ପ୍ରଥମତଃ ତୋର ତତ୍ତ୍ୱାବଧାରକ ରୂପେ ତୁମ୍ଭର ତର୍କ ସଭା ଯଦି ହୁଏ ମୁଁ ସେଠାରେ ନିରପେକ୍ଷ ହୋଇ ବସିବି। ଦ୍ୱିତୀୟତଃ ସେ ଦୁଇ ପଣ୍ଡିତ ଆସିଲା ପରେ ଉଦୟନ ମାଧ୍ୟମରେ ଜଣାଇଦେବୁ ଯେ ସେମାନେ ସମସ୍ତେ ତାଙ୍କ ପୂର୍ବଦିନ ରାତ୍ରରେ ଭୋଜନ ମୋ ଘରେ କରିବେ ଓ ମୁଁ ଯାଇ ସେମାନଙ୍କୁ ନିମନ୍ତ୍ରଣ କରି ଆଣିବି। ଉଦୟନ ଆସିଲା ପରେ ସମସ୍ତ ସମ୍ବାଦ ମୋତେ ତୁମ୍ଭେ ଦୁହେଁ ଦେଉଥିବ।"

ଆମ୍ଭେ ଦୁହେଁ ଆନନ୍ଦିତ ହୋଇ ବିଦ୍ୟାର୍ଥିନୀ ନିବାସକୁ ପ୍ରସ୍ଥାନ କଲୁ।

### ୪୯. ତର୍କ ସଭାର ପୂର୍ବଦିନମାନଙ୍କ ଘଟଣା

ଆମ୍ଭେ ଦୁଇ ସଖୀ ଉଦୟନଙ୍କ ଗ୍ରାମରୁ ଆସିବାର ପ୍ରତୀକ୍ଷାରେ ରହିଲୁ। ଏକ ଦିନ ଉଦୟନ ବିଦ୍ୟାପୀଠରେ ବିଦ୍ୟାଦାନ କକ୍ଷକୁ ଆସିଲେ। ତାଙ୍କ ମୁଖରୁ ହର୍ଷଭାବ ଦେଖି ଆମେ ଶୁଭ ସଂବାଦ ବୋଲି ମନେକଲୁ। ତେବେ କ'ଣ ନିଷ୍ପତ୍ତି ହୋଇଛି ଜାଣିବାପାଇଁ ବ୍ୟଗ୍ର ଥିଲୁ। ସମୟ ଦେଖି ସେ ଦିନ ଉଦୟନ ତାଙ୍କର ଏକ ପତ୍ର ସୁହାସୀକୁ ଦେଇଦେଲେ। ଶିକ୍ଷାକାର୍ଯ୍ୟ ସମାପ୍ତ ହେବାରେ ଗୃହକୁ ଆସି ସେ ପତ୍ରପାଠ କଲୁ ଓ ଆଚାର୍ଯ୍ୟଙ୍କ ଗୃହ ସଂଧ୍ୟାକାଳରେ ଗଲୁ। ସମସ୍ତ କଥା ଆଚାର୍ଯ୍ୟ ଓ ଗୁରୁମାତାଙ୍କୁ ଜଣାଇଲୁ। ଆଚାର୍ଯ୍ୟ କହିଲେ " ମୁଁ ପୂର୍ବରୁ ଯାହା କହିଥିଲି ଉଦୟନକୁ କହି କରାଇବ। ଅତିଥିମାନଙ୍କ ରହଣି ଓ ଉଦ୍ଦିଷ୍ଟ ସଭାପାଇଁ ଯଦି ବ୍ୟବସ୍ଥା କରିବାରେ କିଛି ଅସୁବିଧା ଥାଏ, ଉଦୟନ ମୋତେ ଜଣାଇବ ବୋଲି ମଧ୍ୟ କହିଦେବ। ଆମ୍ଭେ 'ଯଥା ଆଜ୍ଞା' କହି ବିଦାୟ ନେଲୁ।

ଆଚାର୍ଯ୍ୟଙ୍କ ସମର୍ଥନ ଓ ଆଶୀର୍ବାଦ ତଥା ତାଙ୍କ କହିଥିବା କଥାସବୁ ବିଶଦଭାବେ ଲେଖି ଉଦୟନଙ୍କୁ ପତ୍ରମାଧ୍ୟମରେ ସୁହାସୀ ଜଣାଇଦେଲା। ଉଦୟନ ସମସ୍ତ ଆୟୋଜନ କରିବାରେ ଲାଗିଲେ। ତାଙ୍କ ଗ୍ରାମରୁ ଆସୁଥିବା କୁଳଗୁରୁ, ପିତା ଓ ସେମାନଙ୍କ ପତ୍ନୀଙ୍କପାଇଁ ଆମ୍ଭ ବିଦ୍ୟାପୀଠର ଅତିଥିଶାଳାରେ ରହିବାର ବ୍ୟବସ୍ଥା ହୋଇଗଲା। ସେହିଠାରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ଏ ତର୍କ ସଭା ହେବାପାଇଁ ସ୍ଥିର ହେଲା।

ଏ ସମୟରେ ମଂଜୁଳିକାର ତା' ଗ୍ରାମକୁ ଯିବାପାଇଁ ଓ ମୋର ଏ ସମସ୍ୟା ବିଷୟରେ ଜାଣିବାପାଇଁ ପତ୍ର ଆସିଲା। ଏ ସବୁ ଅଗ୍ରଗତି ବିଷୟ ତାକୁ ଆମ୍ଭେ ଜଣାଇ ନ ଥିଲୁ। ସେ ତା'ର ସାହାଯ୍ୟ ଆବଶ୍ୟକ ଥିଲେ ଜଣାଇବାକୁ ଲେଖିଥିଲା। ପତ୍ର ବାହକ ହାତରେ ଏକ କ୍ଷୁଦ୍ର ପତ୍ର ଦେଇ ଆମ୍ଭେ ଏକ ସପ୍ତାହ ପରେ ଯାଇ ସମସ୍ତ ବିଷୟ କହିବୁ ବୋଲି ତାଙ୍କୁ ଜ୍ଞାତ କରାଇଦେଲୁ।

ତର୍କ ସଭାର ପୂର୍ବଦିନ ଉପନୀତ ହେଲା। ସମସ୍ତ ଅତିଥି ସେଦିନ ଅପରାହ୍ଣରେ ଆସିଗଲେ। ଉଦୟନ ସେମାନଙ୍କ ସତ୍କାର କରି ଆଚାର୍ଯ୍ୟଙ୍କ ବିଷୟରେ ସମସ୍ତ ବୁଝାଇ ତାଙ୍କର ଦେଇଥିବା ସମ୍ବାଦ ବିଷୟରେ ତାଙ୍କ ପିତା ଓ କୁଳଗୁରୁଙ୍କୁ ଅବଗତ କରାଇଦେଲେ। ସେ ନିଜେ ଆଚାର୍ଯ୍ୟଙ୍କ ବାସଗୃହକୁ ଯାଇ ଗୁରୁମାତା ଓ ଆଚାର୍ଯ୍ୟଙ୍କୁ ନେଇ ବିଶ୍ରାମାଳୟକୁ ଗଲେ।

ଉଦୟନ ସମସ୍ତଙ୍କୁ ପରସ୍ପର ସହ ପରିଚିତ କରାଇଦେଲେ। ସେମାନେ କିଛି ସମୟ ବାର୍ତ୍ତାଳାପ ପରେ ଆଚାର୍ଯ୍ୟ କହିଲେ, "ମୋର ବିନମ୍ର ନିମନ୍ତ୍ରଣ ଯେ ତୁମ୍ଭେ ସମସ୍ତେ ମୋ ଗୃହରେ ରାତ୍ର ଭୋଜନପାଇଁ ଆମ୍ଭ ସାଥିରେ ଆସ। ସେଠରେ ବସି କଥାବାର୍ତ୍ତା ହେବା।'' ସମସ୍ତେ ଆଚାର୍ଯ୍ୟଙ୍କ ସହ ତାଙ୍କ ଗୃହକୁ ଆସିଲେ।

ଆଚାର୍ଯ୍ୟଙ୍କ ଗୃହରେ ଭୋଜନ ପୂର୍ବରୁ ଓ ପରେ କିଛି ସମୟ ଧରି ତିନିମାତା ଅନ୍ତଃପୁରରେ ବସି ଓ ଅନ୍ୟ ତିନି ଗୁରୁଜନ ବାହ୍ୟ କକ୍ଷରେ ବସି ବାର୍ତ୍ତାଳାପରେ ନିମଗ୍ନ ହେଲେ। ପୁରୁଷମାନଙ୍କ ମଧ୍ୟରେ ବିଦ୍ୟାଚର୍ଚ୍ଚା, ପରସ୍ପର ବିଷୟରେ ଆଦି କଥାବାର୍ତ୍ତା ସୌହାର୍ଦ୍ଦପୂର୍ଣ୍ଣ ଚାଲିଲା। ପଣ୍ଡିତଦ୍ୱୟ ଆଚାର୍ଯ୍ୟଙ୍କୁ ଯବଦେଶର ସଂସ୍କୃତି, ଭାରତୀୟ ପ୍ରଭାବ ଆଦି ବିଷୟରେ ପଚାରିଲେ। କଥା ପ୍ରସଂଗରେ ଆଚାର୍ଯ୍ୟ କହିଦେଲେ ଯେ ସେଠାରେ ଜାତି ପ୍ରଥା ଥିଲେ ମଧ୍ୟ ତାହା ଏତେ ସବଳ ନୁହେଁ। ବିବାହ ବ୍ୟକ୍ତି ବିଶେଷଙ୍କ ସାମାଜିକ ଆସନ ଓ କର୍ମଭିତ୍ତିରେ ହୋଇଥାଏ। ଆଚାର୍ଯ୍ୟ ମଧ୍ୟ ରାଜପରିବାର ଓ ତାଙ୍କ ନିଜର ସାମାଜିକ କର୍ତ୍ତବ୍ୟ ଆଦି ବିଷୟରେ ବଖାଣିଲେ। ଦୁଇ ଗୁରୁ ମନଯୋଗ ସହକାରେ ଶୁଣୁଥାନ୍ତି। ଆଚାର୍ଯ୍ୟ ମଧ୍ୟ ଏହି ବିବାହ ପ୍ରସ୍ତାବ ଉପରେ ସଂପୂର୍ଣ୍ଣ ନିରବ ରହିଲେ। କେବଳ କଥା ପ୍ରସଂଗରେ ମୋ ଓ ସୁହାସୀର ଜ୍ଞାନଗୁଣ ଆଦିର ପ୍ରଶଂସା ଶୁଣାଇଥିଲେ। ଶେଷରେ ଭୋଜନ ପରିବେଷଣ ହେଲା। ତା'ପରେ ସ୍ୱଳ୍ପ ସମୟ କଥା ହୋଇ ଅତିଥିମାନେ ବିଦାୟ ନେଲେ। ବିଶ୍ରାମାଳୟରେ ଆସି ଅତିଥିଦ୍ୱୟ ଆଚାର୍ଯ୍ୟଙ୍କ ପାଣ୍ଡିତ୍ୟ ଓ ଉତ୍ତମ ବ୍ୟବହାରର ଭୂୟସୀ ପ୍ରଶଂସା ଉଦୟନଙ୍କ ଆଗରେ କରିଲେ। ତଦନୁରୂପ ମାତାଦ୍ୱୟ ମଧ୍ୟ ଗୁରୁମାତାଙ୍କ ପ୍ରଶଂସା ମୁଖର ହେଲେ। ଏହିପରି ତର୍କସଭାର ପୂର୍ବଦିନ ଅତିବାହିତ ହୋଇଗଲା।

### ୫୦. ତର୍କ ପ୍ରାରମ୍ଭର ପୂର୍ବ ଘଟଣାମାନ

ତର୍କସଭା ହେବାର ପ୍ରଭାତରେ ମୁଁ ଓ ସୁହାସିନୀ ପ୍ରସ୍ତୁତ ହୋଇ ଆଚାର୍ଯ୍ୟଙ୍କ ଗୃହକୁ ଗଲୁ। ଗୁରୁମାତା ସୁନୟନା ଦେବୀ ଆମ୍ଭର ଅପେକ୍ଷା କରିଥିଲେ। ଆଚାର୍ଯ୍ୟ ପୂର୍ବରୁ ବିଶ୍ରାମଗାର ଯାଇ ଉଦୟନ ଓ ଗୁରୁଦ୍ୱୟଙ୍କ ସହ ସଭାସ୍ଥଳ ଦେଖିଲେ। ତା'ପରେ ଉଦୟନଙ୍କୁ କହିଲେ "ଆମ୍ଭେ କିଛି ସମୟ ବିଦ୍ୟାପୀଠ ପରିସର ମଧ୍ୟରେ ସ୍ଥାନ ଦର୍ଶନ କରୁଛୁ। ତୁମ୍ଭେ ମୋ ଗୃହକୁ ଯାଇ ଦୁଇ କନ୍ୟା ଓ ମୋ ପତ୍ନୀଙ୍କୁ ନେଇ ଆସି ତୁମ୍ଭ ମାତାଦ୍ୱୟଙ୍କ ପାଶ ପହଞ୍ଚାଇ ଦିଅ ଓ ଆମକୁ ସୂଚନା ଦିଅ। ''

ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଦୟନ ଆମ୍ଭକୁ ଦୁଇ ମାତା ବସିଥିବା କକ୍ଷରେ ଉପନୀତ କରାଇ ଗୁରୁଜନମାନଙ୍କ ପାଖକୁ ଗଲେ। ଆମ୍ଭେ ଦୁହେଁ ଦୁଇମାତାଙ୍କ ପଦସ୍ପର୍ଶ କରି ପ୍ରଣିପାତ କଲୁ। ମାତାଦ୍ୱୟ ଆମ୍ଭକୁ "ସୌଭାଗ୍ୟବତୀ ହୁଅ, ବିଜୟିନୀ ହୁଅ" କହି ଆଶୀର୍ବାଦ ଦେଲେ। ତା'ପରେ ମାତା ସୁନୟନା ଆମ୍ଭ ସମସ୍ତଙ୍କ ପରିଚୟ କରାଇଦେଲେ। ଦୁଇ ମାତା ଆମ୍ଭ ଦ୍ୱୟଙ୍କୁ ଆଲିଂଗନ କରି କହିଲେ, "ଆମ୍ଭେ ତୁମ୍ଭଦ୍ୱୟ ତର୍କରେ କିପରି ପଣ୍ଡିତ ଦ୍ୱୟଙ୍କୁ ପରାସ୍ତ କରୁଛ, ତାହା ଦେଖିବାକୁ ଆସିଅଛୁ। ନାରୀ କଦାପି ଅବଳା ନୁହେଁ। ଆମ୍ଭର ଆଶୀର୍ବାଦ ସର୍ବଦା ତୁମ୍ଭ ଉପରେ ରହିଅଛି।"

ପୂର୍ବରୁ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ପଣ୍ଡିତଦ୍ୱୟଙ୍କୁ ନେଇ ପରିସରର ବିଭିନ୍ନ ଅଂଶ ଦେଖାଉଥିଲେ। କିଛି ସମୟ ପରେ ଉଦୟନ ଆସୁଥିବା ଦେଖି, ସେମାନଙ୍କୁ କହିଲେ, " ଚାଲ ଆମ୍ଭେ ସଭାଗୃହରେ ବସିବା।" ସମସ୍ତେ ସଭାଗୃହକୁ ଗଲେ ଓ ଉଦୟନ ଆସି ଆମ୍ଭକୁ ସେଠାକୁ ଯିବାପାଇଁ ସୂଚନା ଦେଲେ। ଆମ୍ଭେ ସମସ୍ତେ ସଭାଗୃହକୁ ଗଲୁ। ଆଚାର୍ଯ୍ୟ ଓ ପଣ୍ଡିତଦ୍ୱୟ ସେତେବେଳକୁ ଉଦ୍ଦିଷ୍ଟ ସ୍ଥାନରେ ବସିଯାଇଥିଲେ। ଏକ ଧାଡିରେ ସମସ୍ତେ ବସିଥିଲେ। କୁଳଗୁରୁ ମଧ୍ୟଭାଗରେ ଥିଲେ।

ସଭା ପ୍ରକୋଷ୍ଠରେ ପହଞ୍ଚି ଦେଖିଲୁ ଯେ ସମସ୍ତଙ୍କୁ ତଳେ ବସିବା ନିମିତ୍ତ ଆସନ ପଡିଯାଇଛି। ଗୁରୁତ୍ରୟଙ୍କ ସମ୍ମୁଖରେ ଆମ୍ଭ ଦୁହିଁଙ୍କପାଇଁ ଆସନ ପଡିଥିଲା। ଉଦୟନ ଗୁରୁମାନଙ୍କ ପୃଷ୍ଠଭାଗରେ ବସିଥିଲେ। ତିନିମାତା କିଛି ଦୂରରେ ବସିଲେ। ସେମାନଙ୍କ ସମ୍ମୁଖରେ ବସ୍ତ୍ର ଟଣାଯାଇଥିଲା ଯେପରି କି ସେମାନଙ୍କ ମସ୍ତକ ଭାଗ କେବଳ ଦେଖାଯିବ।

ଆମ୍ଭେ ଦୁହେଁ ଗୁରୁମାନଙ୍କ ସମ୍ମୁଖରେ ଯାଇ ପ୍ରଣାମ ଆଦି ଯାହାସବୁ କଲୁ, ତାହା ପଦ୍ୟାକାରରେ ମୁଁ କହୁଅଛି।

ପାଇ କୁଳଗୁରୁ ଆଦେଶ — ଦୁହେଁ କଲେ କକ୍ଷେ ପ୍ରବେଶ ।।
କଲେ ସାଷ୍ଟାଙ୍ଗ ନମସ୍କାର — ବସିଲେ କରି ନତ ଶିର ।।
ଯୋଡ ହସ୍ତେ ରହିଲେ ମୌନ — ଲଭିବାକୁ ଆଶୀର୍ବଚନ ।।
ସୁନ୍ଦର ପଣେ ଦୁଇ କନ୍ୟା — ବିନମ୍ରତାରେ ଯେ ଅନନ୍ୟା ।।
ପିତା କୁଳଗୁରୁ ଆନନ୍ଦ — ମୁଖୁଁ ନିର୍ଗତ ଆଶୀର୍ବାଦ।।
ଆହେ ସୁଶୀଳା ପୁତ୍ରୀଦ୍ୱୟ — ସର୍ବ କାର୍ଯ୍ୟେ ବିଜୟୀ ହୁଅ।।
ଆମ୍ଭ ସମ୍ମୁଖେ ଯଥାସ୍ଥାନ — କର ତତ୍ର ଉପବେଶନ ।।
କୁଳଗୁରୁଙ୍କ ଆଜ୍ଞା ଶୁଣି — ଉଭୟେ ଉଠିଲେ ପ୍ରଣମି ।।

(ଲେଖକଙ୍କ "କାବ୍ୟ କଲ୍ଲୋଳିନୀ"ରୁ ଉଦ୍ଧୃତ)

ତତ୍ପରେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଆମ୍ଭ ସମସ୍ତଙ୍କ ପରିଚୟ କରାଇଦେଲେ। କୁଳଗୁରୁଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ସମ୍ମାନର ସହ ପଛକୁ ଚାଲି ଆମ୍ଭର ସ୍ଥାନରେ ବସିଲୁ। ଉଭୟେ ହାତଯୋଡି କୁଳଗୁରୁଙ୍କ ତର୍କାରମ୍ଭ ନିମିତ୍ତ ପ୍ରତୀକ୍ଷାର ସଂକେତ ଦେଲୁ। ପଣ୍ଡିତଦ୍ୱୟ ଅତି ପ୍ରସନ୍ନ ଥିଲେ।

(କ୍ରମଶଃ)

# ଜମି ବିକନା ଭଡ଼ା ଦିଅ : ଏକ ମାନବିକ ରାୟ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ଭୂ-ବଳାତ୍କାର.... ଅର୍ଥ କୁବେରବର୍ଗ ଦ୍ୱାରା ବିସ୍ତାରିତ ମୁନଫାର ମାୟାଜାଲରେ ଏବେ ଗୋଟିକ ପରେ ଗୋଟିଏ ପଡ଼ିବାକୁ ଆରମ୍ଭ କଲାଣି ନିଃସ୍ୱ ନିର୍ଦ୍ଧନବର୍ଗ ଦ୍ୱାରା ଯୁଗଯୁଗାନ୍ତ ବ୍ୟାପୀ ସଯତ୍ନ ସଂରକ୍ଷିତ ଜଳ-ଜଂଗଲ-ଜମି-ଖଣିର ସବୁଜ ସୁନ୍ଦର ପୃଥିବୀ। ଜମି ଜବରଦଖଲ ଏବର ଏକ ପାଶବିକ ବଳାତ୍କାର ପ୍ରବୃତ୍ତି ଯାହା କାର୍ଯ୍ୟକାରୀହେବାକୁ ଯାଉଛି ଦେଶବିଦେଶର ଶାସନ ଓ ପ୍ରଶାସନ ମାଧ୍ୟମରେ। ଏହା କେବଳ ଜଘନ୍ୟ, ବର୍ବରୋଚିତ ନୁହେଁ- ବେଆଇନ ମଧ୍ୟ। ସରଳ ନିରୀହ ଜନଗଣଙ୍କୁ ଭୁଆଁ ବୁଲାଇବା ପାଇଁ ଭାରତବର୍ଷରେ ଏବେ ବି ଉଇଖିଆ ବ୍ରିଟିଶ ଆଇନକୁ ଅନ୍ଧ ଭଳି ମାନିନିଆଯାଇ ଜମି ଅଧିଗ୍ରହଣ ନିୟମକୁ କାଏମ୍ କରି ରଖାଯାଇଛି ଶାସନକଳ ଦ୍ୱାରା। ମାତ୍ର ଯୁଗ ବଦଳିବା ସହିତ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବି ବଦଳିଛି- ସେହି ଦୃଷ୍ଟିରୁ ପୁରୁଣା ଆଇନ ସବୁ ସଂସ୍କାର ଓ ସଂଶୋଧନ ମାଧ୍ୟମରେ ବଦଳିବା ଦରକାର। ନ ହେଲେ ଧନତନ୍ତ୍ର ପରିଚାଳିତ ଶାସନ ତନ୍ତ୍ରର ରଥଚକ୍ର ତଳେ ନିଷ୍ପେଷିତ ଓ ନିର୍ଯାତିତ ହେଇ ନ୍ୟାୟ ହାସଲ କରିବାକୁ ରାଜପଥକୁ ଓହ୍ଲାଇ ଆସିବେ ସାଧାରଣ ମଣିଷ।

ଜମି ଅଧିଗ୍ରହଣକୁ ନେଇ ବିଭିନ୍ନ ସ୍ଥାନରେ ଭୟଙ୍କର ହିଂସାକାଣ୍ଡମାନ ଚାଲୁରହିଛି। ବିସ୍ଥାପିତ ସମସ୍ୟାର ବିସ୍ଫୋରିତ ବିଭୀଷିକା ଆଜି ଏଠି, ସେଠି, ସବୁଠି। ବିନାଯୁଦ୍ଧେ ନ ଛାଡ଼ିବୁ ସୂଚ୍ୟଗ୍ରେମେଦିନୀର ମୂଳକଥାକୁ ନେଇ ମହାଭାରତ ଯୁଦ୍ଧ। ଶକ୍ତିଶାଳୀ କୌରବଙ୍କୁ ପାଞ୍ଚଭାଇ ପାଣ୍ଡବ ସଖା ଶ୍ରୀକୃଷ୍ଣଙ୍କ ସହ ମିଶି ପରାସ୍ତ କରିଥିଲେ। କାହିଁ କୋଉ ଯୁଗର କଥା। ଏବେ ଭୂଇଁ ଖଣ୍ଡକ ଛଡେଇ ନେବାପାଇଁ ଶିଳ୍ପପତି ସରକାର ଜମିମାଲିକ ଚାଷୀ, ଆଦିବାସୀଙ୍କ ସଂଗେ ଯୁଦ୍ଧ କରୁଛନ୍ତି। ଏ ଯୁଦ୍ଧ ମହାଭାରତ ଯୁଦ୍ଧଠାରୁ ଆହୁରି ଭୟଙ୍କର ଆଡକୁ ଗତି କରୁଛି।

ଆଜିର ଏ ଜୋକ-ଜରଦ୍‌ଗବ ଗଣତନ୍ତ୍ର ଜନତାକୁ ଜୋକର ବନାଇ କ୍ଷମତାର ସୁନାସୁତଙ୍ଗରେ ଧନତନ୍ତ୍ରର ଗୋଲାମ ସାଜିଛି। ନିଜକୁ ନିଲାମକରି ଶସ୍ତାରେ ବିକିଦେବାକୁ ବସିଛି - ବିଚରା ମଜଦୁରର ମାଟି, ଅସହାୟ ଆଦିବାସୀର ଘାଟୀ ଉପାସୀ ଚାଷୀର ଫୁଲଉଡା ଫସଲବାଟି। ଜମି କେବଳ ଫସଲ ଆମଦାନୀର ଏକ ନିଛକ ଅର୍ଥନୈତିକ ପ୍ରକ୍ରିୟା ନୁହେଁ। ହଜାର ହଜାର ବର୍ଷ ଧରି ଜମି ସହ ମାନବସମାଜର ଜୀବନ ଜୀବିକା ଯୋଡ଼ି ହୋଇଯାଇଛି। କୃଷି ଜମି ମାନବ ସମାଜର ସଂସ୍କୃତି। ଜୀବନଯାପନର ଚିରାଚରିତ ଶୈଳୀ। ଥରେ ଜମି ଚାଲିଗଲେ ଜୀବନ ଚାଲିଯାଏ, ସଂସ୍କୃତି ଭାଂଗିଯାଏ। ଜମିର ଦାମ ଟଙ୍କାରେ ମପାଯାଇ ପାରେନା। ଶିଳ୍ପପତିଙ୍କ ସ୍ୱାର୍ଥପାଇଁ ଏପରିକି ଦେଶର ବିକାଶ ନାଁରେ ସରକାର ବଂଧୁକମୂନରେ ଜମି ଅଧିଗ୍ରହଣ କରିବା ଦ୍ୱାରା ବିସ୍ଥାପିତମାନେ ପ୍ରବଳ ବିରୋଧ କରୁଛନ୍ତି। ଏହି ଜମି ଅଧିଗ୍ରହଣ ଆଇନ ୧୮୯୪ ମସିହାରେ ଭାରତରେ ଜମି ହଡପ ପାଇଁ ସାମ୍ରାଜ୍ୟବାଦୀ ବ୍ରିଟିଶ ପ୍ରଣୟନ କରିଥିଲେ। ସେତେବେଳେ ଏହି ଜଘନ୍ୟ ବେଆଇନ କାର୍ଯ୍ୟକୁ ବିରୋଧ କରିବା କଷ୍ଟକର ଥିଲା। ବ୍ରିଟିଶମାନେ ୭୫୦ ବର୍ଷ ଆୟରଲାଣ୍ଡକୁ ଗୋଲାମ କରି ରଖିଥିଲେ। ଶୋଷଣ, ଜୁଲମ, ଅତ୍ୟାଚାର କରିବାପାଇଁ ଆୟରଲାଣ୍ଡରେ ଯେଉଁ ଆଇନ୍ ଥିଲା କେବଳ ଆୟରଲାଣ୍ଡ ସ୍ଥାନରେ ଇଣ୍ଡିଆ ଲଗାଇଦେଲେ। ଇଂରେଜମାନେ ବ୍ୟବସାୟ କରିବାକୁ ଆସି ଆମ ଭାରତବର୍ଷକୁ ୨୦୦ ବର୍ଷ ଗୋଲାମ କରି ରଖିଥିଲେ। ଆମେ ସିନା ୧୯୪୭ ମସିହାରେ ସ୍ୱାଧୀନତା ପାଇଲେ, କିନ୍ତୁ ବ୍ରିଟିଶ ବାଲାଙ୍କ ଜମି ଅଧିଗ୍ରହଣ ଚଞ୍ଚକ ଆଇନକୁ ୧୨୯ ବର୍ଷ ହେଲା ଦେଶୀ ସରକାରମାନେ ଜାବୁଡ଼ି ଧରି ବନ୍ଧୁକମୂନରେ ଜମି ଅଧିଗ୍ରହଣ କରିବାରେ ଲାଗିଛନ୍ତି - ଯାହା ଫଳରେ ସମଗ୍ର ଦେଶରେ ଅଶାନ୍ତି ଅସନ୍ତୋଷର ବହ୍ନି ବିସ୍ଫୋରଣ ହେବାରେ ଲାଗିଛି।

ସମ୍ବିଧାନର ୩୧ଧାରାରେ ସମ୍ପତ୍ତି ଉପରେ ଅଧିକାର ବ୍ୟକ୍ତିର ମୌଳିକ ଅଧିକାର। ସୁପ୍ରିମକୋର୍ଟ ରାୟନୁଯାୟୀ ସମ୍ପତ୍ତି ଉପରେ ଅଧିକାର କେବଳ ମୌଳିକ ଅଧିକାର ନୁହେଁ, ମାନବିକ ଅଧିକାର ମଧ୍ୟ। ଏହି ମାନବିକ ଅଧିକାରରେ ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ, ଜୀବନଜୀବିକା, ବାସଗୃହ, ଚାକିରି ପାଇବାର ଅଧିକାର ରହିଛି। ସରକାର, କୋର୍ଟକଚେରୀ ଭାରତୀୟ ସମ୍ବିଧାନର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ ଯେନତେନ ପ୍ରକାରେଣ ଜମି ଦଖଲ କରିବା ଅମାନବିକ ନୁହେଁ କି?

ଜମି ଉପରେ ସମସ୍ତଙ୍କର ଆଖି। ଜମିମାଲିକ, ଚାଷୀ, ମୂଲିଆଙ୍କର ଜମି ହେଉଛି ଆଖିର 'ମଣି'। ବିନା ଜମିରେ ଶିଳ୍ପପତି, ସରକାର କଳକାରଖାନା, ଖଣିଖାଦନ, ରାସ୍ତାଘାଟ, ରେଲଲାଇନ, ସ୍କୁଲକଲେଜ, ବ୍ୟବସାୟବାଣିଜ୍ୟ ପାଇଁ କୋଠାବାଡ଼ି ହୋଇ ପାରିବ ନାହିଁ। ତେଣୁ ଶିଳ୍ପପତି ସରକାର କଳେବଳେ କୌଶଳେ ଜମି ହଡ଼ପ କରିବାକୁ ନାନାପ୍ରକାର ଫନ୍ଦିଫିକର କରି ଆସୁଥିଲେ । ଏବେ ମଧ୍ୟ କରୁଛନ୍ତି।

ଜମିପାଇଁ ମହାଭାରତଯୁଦ୍ଧ। ଏବେ ଜମିପାଇଁ ଗୃହଯୁଦ୍ଧ ଲାଗିରହିବ। ଆଇନକାନୁନକୁ ନିଜେ ଶିଳ୍ପପତି, ସରକାର ମାନିବେ ନାହିଁ। ଭୟଙ୍କର ବିବାଦ ସବୁବେଳେ ଲାଗିରହିବ। ଧୀରେ ଧୀରେ ଚାଷୀ ମୂଲିଆ ଜମିମାଲିକ ଦାଣ୍ଡର ଭିକାରି ହୋଇଯିବେ। ଏପର୍ଯ୍ୟନ୍ତ ଭାରତବର୍ଷରେ ଜମି ଅଧିଗ୍ରହଣ ବିକଳ୍ପ ବାହାରି ପାରିନି। ୨୦୦୬ ମସିହା ପୂର୍ବରୁ ଦେଶରେ ବହୁ ସ୍ଥାନରେ ଜମି ଅଧିଗ୍ରହଣ ହୋଇଛି। ସେତେବେଳେ ଜନସ୍ୱାର୍ଥରେ ବିସ୍ଥାପନ ଥଇଥାନ ନୀତି ନଥିଲା। ଗୋଟିଏ ଗୋଟିଏ ଛୋଟ ଘଟଣା ଇତିହାସର ମୋଡ଼ ବଦଳାଇ ଦିଏ। ୬୫ ବର୍ଷ ଧରି ଦେଶରେ କଳକାରଖାନା, ଖଣି ଖାଦାନ, ଜଳପ୍ରକଳ୍ପ ରେଳରାସ୍ତା ପ୍ରଭୃତିରେ ବିସ୍ଥାପିତ କ୍ଷତିଗ୍ରସ୍ତ ଲୋକମାନେ କେତେ ଯେ ଆନ୍ଦୋଳନ କରିଛନ୍ତି - ତା'ର ହିସାବ ନାହିଁ। ଯିଏ ଯେତେବେଳେ ସରକାରରେ ରହିଲା- ବଂଧୁକମୂନରେ ଆନ୍ଦୋଳନକୁ ଦମନକରି ଆସୁଥିଲେ। ସୁକିନ୍ଦାରେ ସରକାର ଝୁଣ୍ଟିପଡିଲେ। ଦୀର୍ଘବର୍ଷ ଧରି ସୁକିନ୍ଦା ଅଞ୍ଚଳରେ ବହୁ ଗଣଆନ୍ଦୋଳନ ଲଢ଼େଇ ଚାଲି ଆସୁଥିଲା। ୨୦୦୬ ଜାନୁୟାରୀ ୨ ତାରିଖରେ କଳିଙ୍ଗନଗର ଠାରେ ସରକାର ବିସ୍ଥାପିତଙ୍କ ସଂଘର୍ଷ କେବଳ ଓଡ଼ିଶା ନୁହେଁ, ଭାରତବର୍ଷର ଇତିହାସର ମୋଡ଼ ବଦଳାଇ ଦେଲା।

ଜମି ବିକନା ଭଡା ଦିଅ – ପୃଥିବୀର ପ୍ରଥମ ସ୍ୱର। ଜମିଅଧିଗ୍ରହଣ ସମସ୍ୟାର ଏକମାତ୍ର ବିକଳ୍ପ। ଜମିଅଧିଗ୍ରହଣ ସମସ୍ୟାର ଜଟିଳତା କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଲାଗିରହିଛି। ରାଜନୀତିକୁପୋଷା ମନାଇ ଆହୁରି ପାଶବୀୟ ପରିବେଶ ସୃଷ୍ଟି କରିଛି ଏକ ଧୂର୍ତ୍ତ ଧୂସର ଅର୍ଥନୀତି। କଳାଟଙ୍କାକୁ କଳାପତାକା ଦେଖାଇବା ବଦଳରେ ଏ ଅମାନୁଷିକ ଅର୍ଥନୀତିର ଭବ୍ୟସ୍ୱାଗତ ରାଜନୀତି କ୍ଷେତ୍ରରେ ଆରମ୍ଭ ହୋଇସାରିଛି। ସବୁଦେଶର ସରକାର ଏବେ ଏ ପ୍ରକାର ଅର୍ଥନୀତିର ଇଙ୍ଗିତରେ ଗୋଟାଏ ଗୋଟାଏ ଖେଳ କଣ୍ଢେଇ- ନା ଅଛି ଦେଶ ପ୍ରତି କର୍ତ୍ତବ୍ୟବୋଧର ତାଡନା, ନା ଅଛି ଜାତିପ୍ରତି ଦାୟବଦ୍ଧତାର ତୀବ୍ରତା! ଆଉ ଆମେ ଶିଳ୍ପପତିମାନଙ୍କୁ ସରକାରଙ୍କ ମାର୍ଫତଦାରିରେ ଜମି ବିକିବା ନାହିଁ – ଭଡା ଦେବା – ମାସକୁମାସ ଭଡା ନେବା। ଜମି ନ ବିକି ଭଡାଦେବା କଥାଟା କାନକୁ ତାଜୁବ୍ ଲାଗିପାରେ, କିନ୍ତୁ ଆମର ଏ ନୂଆ ତତ୍ତ୍ୱ ତର୍ଜମା ପଛରେ ରହିଛି ଅକାଟ୍ୟ ଯୁକ୍ତି। ଜମିକୁ ଯଦି କୃଷିପାଇଁ ଭାଗ ଦିଆଯାଉଥିଲା, ତା'ହେଲେ ଶିଳ୍ପପାଇଁ ଭଡା ଲଗାଇବାରେ ବାଧାକେଉଁଠି? ସବୁଦିନ ପାଇଁ ସପ୍ତପୁରୁଷଙ୍କ ଭୂସମ୍ପତ୍ତିକୁ ସ୍ୱାର୍ଥାନ୍ୱେଷୀ ଶିଳ୍ପସଂସ୍ଥାଗୁଡିକୁ ଶାଗମାଛ ମୂଲ୍ୟରେ ସମର୍ପଣ କରିଦେବା ଅପେକ୍ଷା ବରଂ ଜମିକୁ ଭଡା ସୂତ୍ରରେ ହସ୍ତାନ୍ତର କରାଯାଉ। ଭାଗଚାଷ ଭଳି ଭାଗଶିଳ୍ପର ପ୍ରଥା ଆରମ୍ଭହେଉ ଓଡ଼ିଶାରେ, ଭାରତରେ, ସାରା ବିଶ୍ୱରେ।

ସାଂପ୍ରତିକ ବ୍ୟବସ୍ଥାରେ ଜମି ଅଧିଗ୍ରହଣ ଦ୍ୱାହିରେ ନିମ୍ନବିତ୍ତ ଅଧିବାସୀ ଓ ଦୁର୍ଗତ ଆଦିବାସୀବର୍ଗଙ୍କ ଜମି ଓ ଜଂଗଲ ଉପରେ ଧୂର୍ତ୍ତ ଧନାଧିପତିବର୍ଗ ଆଇନ୍‌କୁ ଆଖିଠାର ମାରି ଜମି ଅଧିଗ୍ରହଣ ନେଇ ନୂଆ ବିଲ କେନ୍ଦ୍ର ସରକାରଙ୍କ ସହାୟତାରେ ଆଣୁଛନ୍ତି। ଦଖଲକାରୀର ଯେଉଁ ଦୁର୍ଭାଗ୍ୟଜନକ ଧାରା ଏ ଦେଶରେ ଓ ବିଦେଶରେ ଆରମ୍ଭ ହେଲାଣି, ଏବଠୁ ତାହାର ଆଶୁ ପ୍ରତିକାର ନ ହେଲେ ଏହାକୁ ନେଇ ବିଶ୍ୱବ୍ୟାପୀ ଏକ ଅଘଟନ ସଂଘଟନ ଘଟିପାରେ। ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ୨୦୨୫ ମଧ୍ୟରେ ଭାରତର ୪୦,୦୦୦୦୦,୦୦ (ଚାଳିଶକୋଟି) ଲୋକ ଗ୍ରାମ, ଜଂଗଲ ପାହାଡ଼ଭଳି ଅଂଚଳରୁ ବିସ୍ଥାପିତ ହୋଇ ସହରକୁ ପଳାଇ ଆସିବେ। ତା'ହେଲେ ଗାଁ ଉଜୁଡ଼ିଯିବ - ସହର ଜନସଂଖ୍ୟା ହୁହୁହୋଇ ବଢ଼ିଯିବ। ନୂଆନୂଆ ସହର ଗଢ଼ିଉଠିବ।ଯେଉଁଠି କଳକାରଖାନା ପ୍ରତିଷ୍ଠାହେବ - ସେଇଠି ଦୋକାନ- ବଜାର ଘରଦ୍ୱାର ଗଢ଼ିଉଠିବ। ଇଂଚେ ଜମିର ମୂଲ୍ୟ ଆକାଶଛୁଆଁ ହୋଇଯିବ। ଛୋଟବଡ଼ ବସ୍ତିରେ ବାସିନ୍ଦାମାନେ ହାଉଜାଉ ହେବେ। କାମ, ଖାଦ୍ୟ, ପାନୀୟ, ବାସଗୃହର ଅଭାବ ପରିଲକ୍ଷିତ ହେବ।

ଆମ ପ୍ରିୟ ଓଡ଼ିଶା – ଯାହାର ଗର୍ଭରେ ଅମାପମାପ ଖଣିଜ ସଂପଦ, ଉପରେ ଅପର୍ଯ୍ୟାପ୍ତ ଫସଲ କିଆରି ବଣଜଂଗଲ ପାହାଡ଼ ପର୍ବତ, ନଦୀ, ନାଳ, ଝରଣା ସବୁଥିରେ ଅଧିକାର ସାବ୍ୟସ୍ତ କରିବେ ଦେଶୀ ବିଦେଶୀ ସୌଦାଗରମାନେ। ଆଗେ ଆମ ଓଡ଼ିଶା କେତେ ଶାନ୍ତିରେ ଥିଲା। ଭାଇଚାରା ଥିଲା, ଗ୍ରାମ୍ୟସଂସ୍କୃତି ପରମ୍ପରାରେ ଲୋକେ ଜୁଡୁବୁଡୁହୋଇ ମାତିଯାଉଥିଲେ। ଏବେ ଭୟରେ ଗୋଟାପଣେ ଥରହର। କେତେବେଳେ କେଉଁଠି କାହାମୁଣ୍ଡରେ ପାହାର ପଡ଼ିବ - କେହି ଶୁଣିବାକୁ ନାହିଁ କି ଦଣ୍ଡଦେବାକୁ ନାହିଁ। ପିଡ଼ିଯିବ, ପିଡ଼ିଯିବ- ସବୁ ପ୍ରହସନରେ ଦିନ କଟିବ। ଭୟଙ୍କର ସମୟର ମୁକାବିଲା କରିବାର ବେଳ ପହଞ୍ଚିଗଲାଣି।

ଓଡ଼ିଶାର ଖଣି, ଜମି, ଜଳ, ଜଂଗଲ ଉପରେ ଶିଳ୍ପପତିମାନଙ୍କର ଲୋଲୁପଦୃଷ୍ଟି ପଡିଛି। କଳେବଳେ କୌଶଳେ ଶିଳ୍ପପତିମାନେ ବହୁଳାଂଶରେ ମନ୍ତ୍ରୀ, ସାଂସଦ, ଏମ.ଏଲ.ଏ. ନେତା, ଅଫିସର କର୍ମଚାରୀ, ପୁଲିସ ଏପରିକି ଗଣମାଧ୍ୟମଙ୍କୁ କରାୟତ୍ତ କରିସାରିଲେଣି। ଏମାନଙ୍କ ମଧ୍ୟରୁ ଯେଉଁକେତେଜଣ ବୋଲ ମାନୁନାହାଁନ୍ତି, ସେମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରାଯାଉଛି।

ଦେଶରେ ପ୍ରଚଳିତ ସମ୍ବିଧାନ, ଆଇନକାନୁନ ଦଣ୍ଡବିଧି ବ୍ୟବସ୍ଥା ଯାହା ବି ଅଛି – ତାହା ଥିଲାବାଲାଙ୍କୁ ସୁହାଉଛି, ନଥିଲାବାଲାଙ୍କ ପାଇଁ ଦମନ ଅସ୍ତ୍ରଭାବେ ବ୍ୟବହାର କରାଯାଉଛି। କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ଥିଲାବାଲା ଶହେରେ ୫ ହେଲେ ନଥିଲାବାଲା ୯୫। ତେଣୁ ଦେଶ ତଥା ରାଜ୍ୟ ସଂପ୍ରତି ଥିଲାବାଲାଙ୍କ ଖେଳନା ହୋଇଯାଇଛି। ଜଗତୀକରଣ, ଉଦାରୀକରଣ, ଘରୋଇକରଣ ପ୍ରକ୍ରିୟା ଅର୍ଥନୀତି ଆଳରେ ବିଶ୍ୱ ମୁକୁଳା। ଯାହାର ଅର୍ଥ ଅଛି – ସେ ବିଭିନ୍ନଦେଶର, ଜମି, ଖଣି, ପାଣି, ପବନକୁ ହାତେଇବାରେ ଲାଗିଛି। ଆମ ଦେଶରେ ଅଧିକାଂଶ ରାଜ୍ୟ ଯେଉଁଠି ପ୍ରାକୃତିକ ସଂପଦ ଅଛି, ସେଠୁ ଖୋଲାଖୋଲି ଭାବେ ଲୁଣ୍ଠନ କରାଯାଉଛି। ବଂଧୁକମୁନରେ ଜମି ଅଧିଗ୍ରହଣ କରିବା ଯୋଗୁ ଅନେକ ରାଜ୍ୟରେ ଜମିହରା-ପୁଲିସ ପ୍ରଶାସନ ଲଢ଼େଇରେ ଲୋକେ ମରୁଛନ୍ତି। ଫଳରେ ଏକ ସାମାଜିକ ସରକାରୀ ଆତଙ୍କବାଦ ସୃଷ୍ଟିହୋଇଛି।

ଜମି ଅମୂଲ୍ୟ। ଜମି ଜୀବନ। ଜୀବନକୁ କିଣିବା ମୁସ୍‌କିଲ ଅର୍ଥାତ ଯେଉଁଠି ଶିଳ୍ପ କଳକାରଖାନା ପ୍ରୋଜେକ୍ଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଗଲା – ସେହି ଜମି ଟାଙ୍ଗରା ହେଉ କି ଏକଫସଲି ହେଉ ହଜାରେ ଗୁଣ ମୂଲ୍ୟ ବଢ଼ିଯାଏ। କିନ୍ତୁ ସରକାରମାନେ ଶିଳ୍ପପତିଙ୍କୁ ପୁରୁଣା ନଗଣ୍ୟରେଟ୍‌ରେ ଜମି ଅଧିଗ୍ରହଣ କରାଇଦିଅନ୍ତି।

ଏବେ କିନ୍ତୁ ସବୁ ସ୍ଥାନରେ ଜମି ଏକର କିଏ ୨୫ ଲକ୍ଷ, ୫୦ ଲକ୍ଷ ଏପରିକି ଏକ କୋଟିଟଙ୍କା ୪ରୁ ୫କୋଟି ଦାବି କରି ଆନ୍ଦୋଳନ କରୁଛନ୍ତି। ପରବର୍ତ୍ତୀ ପରିସ୍ଥିତିରେ ପରିବର୍ତ୍ତିତ ମୂଲ୍ୟ ଦାବି କରିବା ଅଯୌକ୍ତିକ ନୁହେଁ। ଗୋଟିଏ ଭାଇ କାରଖାନାକୁଯେଉଁ ଜମି ଏକର ଦେଢ଼ କୋଟି ଟଙ୍କାରେ ବିକିଛି – ମାତ୍ର ସାତ ଆଠ ବର୍ଷରେ ଅନ୍ୟଭାଇଟି ଏକର ପଚାଶ କୋଟି ଟଙ୍କା ବିକ୍ରି କଲାଣି। ଟଙ୍କା ମିଳିବ, ହେଲେ ଜମି ଇଞ୍ଚେ ଆଉ ଭବିଷ୍ୟତରେ ମିଳିବ ନାହିଁ। ଶିଳ୍ପ ସହର ଓ ଅନ୍ୟସହରରେ ଜମି ଏକର ୫ କୋଟିରୁ ୫୦ କୋଟି ୧୦୦ ରୁ ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବିକ୍ରିହେବାର ଖବର ପ୍ରକାଶିତ ହୋଇଛି। ଶିଳ୍ପ କିମ୍ବା ପ୍ରୋଜେକ୍ଟକୁ ଯେଉଁମାନେ କମ୍ ଦାମରେ ଜମି ବିକ୍ରି କରିଥିଲେ ସେମାନେ କୋର୍ଟ କଚେରୀକୁ ଯାଇ ବହୁ ଗୁଣ ଦାମ ପାଇବାର ନଜିର ରହିଛି। ଦିଲ୍ଲୀରେ ୧୯୮୧ରେ ପ୍ରତିବିଘା ୨୬୦୦ ଟଙ୍କାରେ ବିକ୍ରିହୋଇଥିଲା। ସୁପ୍ରିମକୋର୍ଟ ୨୮ ବର୍ଷ ପରେ ଦର ବଢ଼ାଇ ୨୮ ହଜାର ଟଙ୍କା ଦେବାପାଇଁ ରାୟ ଦେଲେ। ସେଇଭଳି ଗୋଆରେ କୋଂକଳ ରେଲୱେ ପ୍ରତିବର୍ଗମିଟର ଜମି ମାତ୍ର ୪ ଟଙ୍କାରେ କିଣିଥିଲେ, ୧୩ ବର୍ଷ ପରେ ସୁପ୍ରିମକୋର୍ଟ ୨୫୦ ଟଙ୍କା ବର୍ଗମିଟର ଦେବାକୁ କହିଲେ। ଗୁଜୁରାଟରେ ମଧ୍ୟ ୧୪ ବର୍ଷ ପରେ ଅଧିକ ଟଙ୍କା ପାଇଛନ୍ତି। ଏବେ ଉତ୍ତରପ୍ରଦେଶ ଯମୁନା ଏକ୍ସପ୍ରେସ ପାଇଁ ଗୋଆରେ ନିଷ୍ପତ୍ତି ପ୍ରତି ବର୍ଗମିଟର ୨୫୦ ଟଙ୍କା ଦେଲାବେଳେ ଲୋକେ ହଜାରେ ଟଙ୍କା ଦାବି କରୁଛନ୍ତି। ମୂଳରୁ ଜମି ଅଧିଗ୍ରହଣ ବେଳେ ମାନବିକ ଓ ସାମାଜିକ – ଅର୍ଥନୈତିକ ଅବସ୍ଥା ପ୍ରତି ଦୃଷ୍ଟି ନଦେଇ କେବଳ ରାଜନୈତିକ ଶକ୍ତିର ମଦତ୍‌ରେ ଜବରଦସ୍ତ ଜମି ଅଧିଗ୍ରହଣର ଅଡୁଆ ସୂତା ଫିଟୁନି। ବର୍ତ୍ତମାନ ଚାଷଜମି କମିକମି ଆସୁଛି। ଚାଷର ସୁବିଧା ସୁଯୋଗ ନଥିବାରୁ ଚାଷ ଅମଳରେ ଚାଷୀ ଲାଭବାନ ହୋଇପାରୁନି। ପୁନଶ୍ଚ ଚାଷକାମରେ ବ୍ୟାପକ କର୍ମନିଯୁକ୍ତି ନପାଇ ବେକାରମାନେ ସହରାଭିମୁଖୀହୋଇ କର୍ମ ନ ପାଇ ହତାଶାରେ ଦିନ କାଟୁଛନ୍ତି। ଏଣେ ସରକାର ଯେଉଁ ନିୟମ ଘୋଷଣା କରୁଛନ୍ତି ନିଜେ ଭଂଗ କରୁଛନ୍ତି। ପ୍ରଥମେ ଚୁକ୍ତିଭଂଗ, ତା'ପରେ ବିଧାନଭଂଗ; ଶେଷରେ ବିଶ୍ୱାସଭଂଗ ଦ୍ୱାରା ଜନସାଧାରଣ ଭୟଙ୍କର ବିପଦ ଆଡ଼କୁ ମୁହାଁଇଛନ୍ତି। ଦେଶ ବର୍ତ୍ତମାନ ଭସ୍ମଶଯ୍ୟାରେ। ଅଶାନ୍ତି ଅସନ୍ତୋଷର ଘୂର୍ଣ୍ଣିଝଡ଼ ଏଠି, ସେଠି, ସବୁଠି। ସୂର୍ଯ୍ୟରେ ସୁନାମୀ – ଆଗ୍ନେୟଗିରିରେ ଉଦ୍‌ଗୀରଣ। ଦେଶବ୍ୟାପୀ ମନ୍ଥନ। ଏଣେ ଦୁର୍ଗତ ଭୂମିରେ ଶୁଭୁଛି ଭଂଗା ଭାତହାଣ୍ଡିର ହାହାକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ହେ ବିଦ୍ୟା ଦେବତା

ପ୍ରଦୀପ୍ତ କୁମାର ଦାସ



ହେ ବିଦ୍ୟା ଦେବତା ଜ୍ଞାନ ବୁଦ୍ଧି ଦାତା
ଗଣପତି ଗଜାନନ -
ସବୁରି ଅନ୍ତର ଉପବନୁ ନାଥ
ଭକତି କୁସୁମ ଘେନ,
ତୁମରି କରୁଣା ଲଭେ ଯିଏ ଥରେ
ହୁଏ ସେତ ଭାଗ୍ୟବାନ -
ଅର୍ଥ, ମାନ, ଯଶ ତାର ପଛେ ଧାଏଁ
ଲଭଇ ସେ ଉଚ୍ଚାସନ,
ତୁମ ପଦଧ୍ୟାୟୀ ତୁମ ନାମ ଗାଇ
କରେ ଯିଏ ଅଧ୍ୟୟନ -
ସାରା ଜୀବନ ତା ସୁଖେ ବିତିଯାଏ
ବୋଲାଏ ସେ ବିଜ୍ଞ ଜନ,
ତୁମ ମହିମାର ନାହିଁ ପଟାନ୍ତର
ଧନ୍ୟ ପ୍ରଭୁ ଅମ୍ବିକେୟ -
ବିଦ୍ୟା ବୁଦ୍ଧି ବଳେ ତୁମେହିଁ ତ ଦେବ
କରିଛ ଜଗତ ଜୟ -
ଧନ୍ୟ ବିଘ୍ନନାଥ ଟେକିଦିଅ ହାତ
ଝରିଯାଉ ଶୁଭାଶିଷ -
ତାହାରି ପରଶେ ଏହି ଦୁନିଆରୁ
ହେଉ ଅଜ୍ଞାନର ଶେଷ ।

କଣ୍ଠାବଣିଆ, ଛତ୍ରପଡ଼ା,
ପ୍ରୀତିପୁର,ଯାଜପୁର-୭୫୫୦୧୩
ମୋ- ୮୫୯୪୮୮୫୮୯୮

# ଏମିତି ଏ ବର୍ଷା ଆସୁଥାଉ

ଲକ୍ଷ୍ମୀପ୍ରିୟା ପୃଷ୍ଟି



ଏମିତି ଏ ବର୍ଷା ଆସୁଥାଉ
କଦମ୍ବର ଗୀତ ଗାଇ ଗାଇ
ଏମିତି ଏ ମନ ହଜୁଥାଉ
ଦହନକୁ ଜୁଇରେ ଶୁଆଇ
ଏମିତି କାନ ହଳେ ଅପେକ୍ଷାରେ ଥାଉ
ଶୁଣିବାକୁ ମେଘ ସାହାନାଇ
ଏମିତି ନିଦ ଖୋଜୁ ବର୍ଷାକୁ
ଦରଭଙ୍ଗା ସପନକୁ ଦେବାକୁ ରଙ୍ଗାଇ....
ଏମିତି ତୁମେ ଆସୁଥାଅ ଅତିଥିଟେ ହୋଇ
ବର୍ଷାକୁ ଦେଖୁ ଦେଖୁ ପାରୁଥିବ ମୁରଲୀ ବଜାଇ
ଏମିତି ଇଚ୍ଛା ଯେତେ ପବନରେ ହଜି
ଖୋଜୁଥାନ୍ତୁ ଖୁସିର ମନ୍ତର
କାଳେ କେବେ ମିଳିଯାଇପାରେ
ମେଘ ସାଥେ ମେଳିହୋଇ ଭିଜି ଗଲାପରେ
ପାଇବାକୁ ଥିବା ଯେତେ ସୁରଭିତ ସ୍ୱର... ?

ଅଧ୍ୟାପିକା, ଓଡ଼ିଆ ବିଭାଗ ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ
ଯାଜପୁର-୭୫୫୦୦୬
ମୋ- ୭୩୭୭୩୧୮୭୮୯

# ବାପାଙ୍କୁ ଚିଠି



କବିତା ମହାନ୍ତି



ବାପା ପ୍ରଣାମ ନେବ। ପିଲାବେଳ ଠାରୁ ତମେ ଥିବାଯାଏ ମୁଁ ସବୁ କଥା ତୁମ ଆଗରେ କହେ । ତୁମ ସାଙ୍ଗେ ମନ କଥା ନ ବାଣ୍ଟିଲେ ମୋର ଖାଇବା ହଜମ ହୁଏନି । ଆଜିବି ସେମିତି ଏକ କଥା, ନକହି ରହିପାରୁନି। ସରକାର ନିଷ୍ପତ୍ତି ନେଇଛନ୍ତି ଯେ ରେଜିଷ୍ଟ୍ରି ଚିଠି ସେବା ଉଠି ଯିବ। ଚିଠି ବାକ୍ସ (ରେଡ୍ ଲେଟର ବକ୍ସ) ସବୁ କାଳକ୍ରମେ ଉଠି ଗଲାଣି ।

ସରକାରଙ୍କ ତରଫରୁ ବହୁତ୍ ଭଲ ପଦକ୍ଷେପ। କିନ୍ତୁ ଡାକ ଘର, ଲେଟର ବକ୍ସ, ଡାକ ବାଲା, ହକର୍ ଏବଂ ତା ସାଙ୍ଗରେ ଯୋଡ଼ି ହୋଇଥିବା ମୁଠା ମୁଠା ଅନୁଭବକୁ ଆମେ କେମିତି ଭୁଲିବୁ ବାପା !!

ମୋ ପିଲା ବେଳ ତ ଅଧା ଦିନ କଟିଛି ଆମ ଗାଁ ଡାକ ଘରେ। ତୁମ ଚିଠିକୁ ଅପେକ୍ଷା କରି। ମିଲିଟାରୀ ଚାକିରି କରି ତମେ ଆମ ଠାରୁ ମାଇଲ୍ ମାଇଲ୍ ଦୂରରେ ଥିଲ। ପହିଲା ଦିନ ଦରମା ପାଉ ପାଉ ତମେ ଟଙ୍କା ଇଁଶିଓର୍ଡ କରି ପଠାଉଥିଲ । ଆମ ଗାଁର କେହି କେହି କଲିକତା ଝୋଟ କଳରେ ଚାକିରି କରୁଥିଲେ। ସେମାନଙ୍କର ମନି ଅର୍ଡର୍ ଆସୁଥିଲା । କିନ୍ତୁ ସାରା ଆଖ ପାଖ ଗାଁ ଭିତରେ ଆମ ଘରକୁ ଇଁଶିଓର୍ଡ (ଏକ ଜଉ ମୁଦା ସିଲ୍କ ପ୍ୟାକେଟ୍)ରେ ହିଁ ଟଙ୍କା ଓ ତାସହ ଚିଠି ଆସୁଥିଲା। ମୁଁ ଆଜି ଯାଏ ଜାଣିପାରିନି ତମେ କାହିଁକି ଇଁଶିଓର୍ଡ କରି ଟଙ୍କା ପଠାଉଥିଲ !! ତାକୁ ଛାଡି ଅନ୍ତତଃ ପନ୍ଦର ଦିନରେ ଗୋଟିଏ ଚିଠି ଘରକୁ ବୋଉ ନାଁରେ ଆସୁଥିଲା । ଆମେ ଘରେ ନଅ ଭାଇ ଭଉଣୀ ସାଙ୍ଗକୁ ଜେଜେ ବାପା ଜେଜେ ମା । ସବୁ ଦାୟିତ୍ୱ ବୋଉ ଉପରେ । ବିଚାରି କେମିତି ସେସବୁ ଚଳାଉଥିଲା, ତାହା ଈଶ୍ୱରଙ୍କୁ ଜଣା।

ତୁମର ଚିଠି ଆସିବା ଟିକେ ଡେରି ହେଲେ ବୋଉ ବ୍ୟସ୍ତ ହୋଇଯାଏ। କାଳେ କଣ ଦେହ ଖରାପ୍ ହେଲାକି, ଆଉ କିଛି ଅସୁବିଧା ହେଲାକି ! ସବୁ ମଙ୍ଗଳ ହେଉ ବୋଲି ଠାକୁରଙ୍କୁ ଡାକେ । ଡାମରା କାଉ ଦୁଆରେ ଆସି ବସିଲେ, ବୋଉ କହେ କୁଣିଆ ଆସିବେ ନହେଲେ କିଛି ଶୁଭ ଖବର ଆସିବ । ହଳଦୀ ବସନ୍ତ ଘର ଆଗ ଗଛ ଡାଳରେ ବସି ବୋବେଇଲେ, ବୋଉ କହେ ଆଜି ନିଶ୍ଚୟ ଚିଠି ଆସିବ । ବୋଉ ଠାରୁ ଶୁଣି ଶୁଣି ମୋର ବି ସେ ବିଶ୍ୱାସ ମନ ଭିତରେ ବସା ବାନ୍ଧି ଦେଇଥିଲା। ସ୍କୁଲରୁ ଫେରି ଘରେ ବ୍ୟାଗ ଫୋପାଡି ଦେଇ ମୁଁ ଡାକ ଘରକୁ ଦଉଡ଼ି ଯାଏ। ଡାକ ଘର ବେଶୀ ଦୂର ନଥିଲା। ଆମ ଘରଠୁ ଚଲା ରାସ୍ତା। କେବେ କେବେ ହକର୍ ଚକରା ଭାଇନାଙ୍କର ପହଞ୍ଚିବା ଡେରି ହେଲେ ମୁଁ ସେ ଡାକ ଘର ଆଗ ରାସ୍ତାରେ ସାଙ୍ଗ ସହ ଖପରା ଖେଳୁଥାଏ। ହକର ଚକରା ଭାଇନା ତା ପିଠିରେ ଏକ ଖାକି ରଙ୍ଗର ବଡ ସିଲ୍କ ବ୍ୟାଗ୍ ପକାଇ ଦୌଡିଲା ଭଳି ଆସି ପହଞ୍ଚେ । ଏପଟେ ପୋଷ୍ଟ ମାଷ୍ଟର ବାବୁ, ପୋଷ୍ଟ ମ୍ୟାନ ସମସ୍ତେ ତା ବାଟକୁ ଚାହିଁ ବସିଥାଆନ୍ତି। ପୋଷ୍ଟ ବ୍ୟାଗ୍ ଖୋଲାହେଲା ବେଳକୁ ମୁଁ ବି ଚାତକ ପରି ଚାହିଁଥାଏ। ତୁମ ହସ୍ତାକ୍ଷର ଦେଖି ଜାଣିଦିଏ ଆମର ଚିଠି ଆସିଛି ବୋଲି। କେବେ କେବେ ପୋଷ୍ଟ ମ୍ୟାନ ବାବୁ ଭୁଲ୍‌ରେ କହି ଦିଅନ୍ତି 'ନା ଚିଠି ଫିଟି ନାହିଁ , ଯା ପଳା ।' ମୁଁ କିନ୍ତୁ ଛାଡେନି 'କହେ, ଭଲ କରି ଦେଖନ୍ତୁ ବାପାଙ୍କ ଚିଠି ମୁଁ ଦେଖିଚି।' ସେ ବିରକ୍ତିରେ ପୁଣି ଥରେ ଆଖି ପକାଇ ମୋ ହାତକୁ ଚିଠି ଦେଉ ଦେଉ କହନ୍ତି 'କୁଳ ବାବୁଙ୍କ ଏ ଝିଅକୁ ପାରି ହେବନି, ବିଚକ୍ଷଣ ଅଛି ।' ଗାଁର ଅନ୍ୟ କାହାର ପୋଷ୍ଟ କାର୍ଡରେ ଚିଠି ଆସିଲା ବେଳେ ତମେ ଇଂଲାଣ୍ଡ ଲେଟରରେ ଚିଠି ଦେଇଥାଅ। ସମୟ କଟାଇବା ପାଇଁ କେବେ କେବେ ମୁଁ ଦୁଇ ତିନି ସାଙ୍ଗ ଧରି ଡାକ ଘର ଚାଲିଯାଇଥାଏ । ସେଠି ପୋଷ୍ଟ ମାଷ୍ଟର ବାବୁଙ୍କ ଘର ସେ ସମୟର ସବୁଠୁ ଷ୍ଟାଇଲିଆ ଘର । ଆମ ଡିଆଁ ଡେଇଁରେ ସେ ବେଳେ ବେଳେ ଚିଡ଼ି ଯାଆନ୍ତି । କିନ୍ତୁ ପୁରାପୁରି ସେ ପୋଷ୍ଟ ବ୍ୟାଗ୍ ଝଡା ଝଡ଼ି ହୋଇ ଖାଲି ନହେବା ଯାଏ ମୁଁ ଘରକୁ ଫେରେନି।

କେବେ କେବେ ବୋଉକୁ ଆଶ୍ଚର୍ଯ୍ୟ କରିବା ପାଇଁ ମୁଁ ଆଗ ମନା କରିଦିଏ ବାପାଙ୍କ ଚିଠି ଆସିନାହିଁ । ପୁଣି ଟିକେ ପରେ କହେ, 'ନା ଲୋ ବୋଉ ଆଜି ପରା ହଳଦୀ ବସନ୍ତ ଚିଟାଉ ଚିଟାଉ କହି ଆମ ଦୁଆରେ ଚିଲ୍ଲେଇ ଥିଲା, ବାପାଙ୍କ ଚିଠି କେମିତି ଆସିବନି !!' ବାପାଙ୍କ ପାଖରୁ ଟଙ୍କା ଆସିବା ଦିନ ମୁଁ ବୋଉ ସାଙ୍ଗେ ମଜା କରି କହେ 'ଆଜି ହଳଦୀ ବସନ୍ତ ଟଙ୍କାଉ ଟଙ୍କାଉ କହୁଥିଲା ବୋଉ ।'

ବାପାଙ୍କ ପାଖକୁ ବୋଉ ପଠାଉଥିବା ଚିଠିକୁ କେବେ ଡାକଘରେ ନହେଲେ ସ୍କୁଲ ଯିବା ରାସ୍ତାରେ ନାଲି ଚିଠି ବାକ୍ସରେ ମୁଁ ପକାଇଦେଇଯାଏ। ସେ ସମୟରେ ସବୁ ଖବର ଏଇ ଚିଠି ମାଧ୍ୟମରେ ଥିଲା । ଫୁଙ୍ଗୁଲା ନଈ ବନ୍ଧ ଉପରେ ଥିବା ନାଲି ଚିଠି ବାକ୍ସରେ ଚିଠି ପକାଇ ଆସିଲେ ବି ସବୁ କେତେ ସୁରକ୍ଷିତ ଥିଲା ସତରେ !! ବାପାଙ୍କ ପାଖରୁ ଆସୁଥିବା ସାଦା ଚିଠି ପୋଷ୍ଟ ମ୍ୟାନ (ଡାକ ବାଲା) ବଇଁଶୀ ବାବୁ ଆମ ହାତରେ ଦେଇ ଦିଅନ୍ତି। କିନ୍ତୁ ରେଜେଷ୍ଟ୍ରି ଚିଠି କିମ୍ବା ମନିଅର୍ଡର, ଇଁସିଓର୍ଡ, ଅବା ଟେଲିଗ୍ରାମ୍ ଆସିଲେ ସେ ନିଜେ ଆସି ଗ୍ରାହକର ଦସ୍ତଖତ ନେଇ ଘରେ ଦେଇଥାନ୍ତି । ତାଙ୍କ କାମରେ ସେ ଭାରି ପୋଖତ ଥିଲେ। ପାଞ୍ଚ ଫୁଟ୍ ଚେହେରାର ପତଳା ମଣିଷଟିଏ । ଫିକା ମଇଳା ଧଳା ସାର୍ଟ ସାଙ୍ଗକୁ ଅଧା ଘସରା ହୋଇଯାଇଥିବା ନୀଳ ରଙ୍ଗର ଚପଲ୍। କାନ୍ଧରେ ଗୋଟିଏ ବ୍ୟାଗ୍ ଝୁଲାଇ ସେ ଚାଲି ଚାଲି ଗାଁ ଦାଣ୍ଡରେ ଆସିଥାଆନ୍ତି। ଘରକୁ ଆସି ବୋଉର ଦସ୍ତଖତ ନେଲା ବେଳେ ଏକ ସରୁ ଚଷମା ନାକ ଅଗରେ ରଖି କେଉଁଠି ଦସ୍ତଖତ କରିବାକୁ ହେବ, ସେ ଜାଗା ଚିହ୍ନଟ କରିଦିଅନ୍ତି ।

ପୋଷ୍ଟ ମ୍ୟାନ ବଇଁଶୀ ବାବୁଙ୍କୁ ଆମ ସାହି ରାସ୍ତାରେ ଦେଖିଲେ ଲାଗେ ବାପା ତୁମ ପାଖରୁ ନିଶ୍ଚୟ କିଛି ଭଲ ଖବର ଆସିଛି । ସେ ସମୟରେ ବଇଁଶୀ ବାବୁଙ୍କୁ ବୋଉ ନିଶ୍ଚୟ ଚା କପେ ଦେଇ ବିଦା କରେ । ଏମିତି କେତେ ସୁକ୍ଷ୍ମ ସମ୍ପର୍କ ସେଦିନ ଗୁଡ଼ିକରେ ଗଢି ହୋଇଥିଲା ।

ଏମିତି ସମୟରେ ଦିନେ ଗାଆଁରେ ଚହଳ ପଡିଗଲା। ଦାସ ସାହିରେ କାହା ଘରକୁ ତାର (ଟେଲିଗ୍ରାମ) ଆସିଛି । ଶୁଣୁ ଶୁଣୁ ସନିଆ ବାପାର କେଉଁ କଳରେ କାମ କରୁଥିବା ବେଳେ ମେସିନରେ ହାତ କଟିଯାଇଛି ଓ ସେଥିପାଇଁ କାରଖାନା ମାଲିକ ପାଖରୁ ତାର ଆସିଛି ସନିଆ ମାଆ ପାଖକୁ, ସେ ଯିବ କଲିକତା ସନିଆ ବାପାକୁ ଦେଖିବାକୁ ।

ବାପା ତମେ ତ ଅନେକ ଦୂରରେ ଥିଲ। ଆମ ଘରେ ଯେମିତି ଏକ ନୀରବତା ଖେଳିଗଲା । ବୋଉ ଠାକୁର ଘରେ ତୁମର ନିରାପତ୍ତା ପାଇଁ ଦୀପ ଜଳାଇଲା । ମୋତେ ବି କେମିତି ଗୋଟେ ଖାଁ ଖାଁ ଲାଗୁଥିଲା। ଦେଶରେ ଯୁଦ୍ଧ ଲାଗିଥିଲା। ତମେ ସାମରିକ ବାହିନୀରେ ଘର ଠାରୁ କେତେ ଦୂରରେ । ତୁମ ବିନା ଆମେ କେତେ ଅସହାୟ ସତରେ । ଯାହାହେଉ ଠାକୁର ବୋଧେ ଆମ ଡାକ ଶୁଣୁଥିଲେ। ତମେ ଭଲଥିଲ ଓ ତୁମ ଖବର ତୁମ ହାତ ଲେଖା ଚିଠିରେ ଆସୁଥିଲା ।

୧୯୭୯ ର କଥା । ମୁଁ ଭୁବନେଶ୍ୱର ଆସି ବଡଭଉଣୀ ଘରେ ରହି ବିଜେବି କଲେଜ୍‌ରେ ଆଇଏସ୍‌ସି ପଢୁଥାଏ। ସେତେବେଳେ ତୁମ ପୋଷ୍ଟିଂ ଆସାମର ଜୋର ହାଟରେ ହୋଇଥାଏ । ସେଦିନ ସନ୍ଧ୍ୟା ସମୟ । ବୋଉର କାନ୍ଦଣା ଦେଇ ଘର ଆଗରେ ଶୁଭିଲା । ଛାତି ଭିତରଟା କଣ ହୋଇଗଲା । ବାହାରକୁ ଆସି ଦେଖେ ତ ବୋଉ ଏକ ରକମ ରାସ୍ତା ଉପରେ ବାହୁନି ବାହୁନି କାନ୍ଦୁଛି। ଗାଁରୁ ତା ସାଙ୍ଗରେ ଏକ ପିଲା ଆସିଛି। ତା ହାତରେ ଏତେ ବଡ ଟେଲିଗ୍ରାମ । ଭଉଣୀ ଭିଣୋଇ ଆସି ଟେଲିଗ୍ରାମ ପଢ଼ି ସମସ୍ତେ ମିଶି ବଡ ପାଟିରେ କାନ୍ଦିଥିଲୁ । ବାପା ତୁମର ମାସିଭ୍ ହାର୍ଟ ଆଟାକ୍ ହୋଇ ତମେ ଉଣେଇଶି ଦିନ ଧରି ଚେତାଶୂନ୍ୟ ଥିଲ ।

ଜୋରହାଟରୁ ଟ୍ରଙ୍କଲ ଆସିଥାଏ କଟକକୁ ଏବଂ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେତେଶୀଘ୍ର ବୋଉକୁ ଜଣାଇବାକୁ । ଈଶ୍ୱରଙ୍କ କୃପା ଥିଲା ଆମ ପରିବାର ଉପରେ । ବୋଉ ମାମୁଁଙ୍କୁ ନେଇ ଜୋର୍‌ହାଟରେ ପହଞ୍ଚିଥିଲା। ଉଣେଇଶି ଦିନ ପରେ ତୁମ ଚେତା ଫେରିଲା, ତିନି ମାସ ପରେ ତମେ ଠିଆ ହୋଇପାରିଥିଲ ।

ମୋ ମନରେ ସେ ଟେଲିଗ୍ରାମ କଥା ପ୍ରଶ୍ନବାଚୀ ହୋଇ ରହିଥିଲା । ବୋଉ ଠୁଁ ପରେ ଶୁଣିଥିଲି ଯେ ଏତେ ବଡ଼ ଟେଲିଗ୍ରାମ ଦେଖି ପୋଷ୍ଟ ମ୍ୟାନ ବଇଁଶୀ ବାବୁ ଆମ ଘରକୁ ଆସିବାକୁ କୁଣ୍ଠା କରିଥିଲେ । ସେ ସବୁବେଳେ ଭଲ ଖବର ଧରି ଘରକୁ ଆସୁଥିଲେ । କିନ୍ତୁ ଏତେ ବଡ ଦୁଃସମ୍ବାଦ ନେଇ ସେ ଆସିବାକୁ ଭୟ କଲେ । ଟେଲିଗ୍ରାମରେ ଶବ୍ଦ ପିଛା ପଇସା ପଡ଼େ। ତୁମ ସାମରିକ ବାହୀନିର ବଦାନ୍ୟତା ଦୃଷ୍ଟିରୁ ସେମାନେ ତୁମର ସମ୍ପୂର୍ଣ୍ଣ ବିବରଣୀ ଦେଇ କଟକକୁ ଟ୍ରଙ୍କଲ୍ କରି ଦୁଇ ପୃଷ୍ଠାର ଟେଲିଗ୍ରାମ କରିଥିଲେ। ବୋଉ ଓ ତା ସାଙ୍ଗରେ ଜଣେ ଲୋକର ଯିବା ଆସିବା ଖର୍ଚ୍ଚ ସବୁ ବହନ କରିବେ ବୋଲି ଟେଲିଗ୍ରାମରେ ଲେଖା ହୋଇଥିଲା। ଏବଂ ତୁମେ ଚେତା ଶୂନ୍ୟ ହୋଇଥିଲେ ବି ବଞ୍ଚିଥିଲ ବୋଲି ଖବର ଲେଖା ହୋଇ ଆସିଥିଲା ।

ସମୟ କେତେ ବଦଳି ଗଲାଣି ବାପା। ହଜାର ହଜାର ମାଇଲ ଦୂରରୁ ଖବର ଆସିବା କେତେ ସହଜ ହୋଇଯାଇଛି। ପୋଷ୍ଟ ଅଫିସ କାରବାର ବି କମି ଗଲାଣି । ଆଗ ଭଳି ଚିଠି ଆଉ ନାହିଁ କହିଲେ ଚଳେ। ଜୀବନ ଏବେ ମେସେଜ, ଭିଡିଓ କଲ୍, ମେଲ୍‌ରେ ଚାଲିଛି। ଚିଠି ଆଉ କିଏ ଲେଖିବ !! ଲାଲ ରଙ୍ଗର ଚିଠି ବାକ୍ସ ଉଠିଯିବ । ସବୁ ଚିଠି ସ୍ପିଡ ପୋଷ୍ଟରେ ଯିବ। ଖର୍ଚ୍ଚ ଅଧିକ ହେଲେ ବି ଆଜିକାଲି ଲୋକଙ୍କର ପଇସାକୁ ଖାତିର ନାହିଁ । ସମୟ ବଦଳୁଛି, ଦେଶ ଆଗକୁ ଚାଲିଛି ଏବଂ ଆମେ ସବୁ ନୂଆ ଚଳଣିରେ ଅଭ୍ୟସ୍ତ ହୋଇଛୁ।

କିନ୍ତୁ ମୋ ପିଲା ବେଳର ଡାକ ଘର ଓ ତା ସାଙ୍ଗେ ଯୋଡ଼ି ହୋଇ ରହିଥିବା ଗୋଟି ଗୋଟି ସବୁ କଥାକୁ ମୁଁ କେମିତି ଭୁଲିବି ବାପା ।

ଆଜି ପାଇଁ ରହୁଛି।

ଭୁବନେଶ୍ୱର

# ଏଇ ରିମଝିମ୍ ରିମଝିମ୍ ରାତିରେ

ପ୍ରମୋଦ କୁମାର ମହାପାତ୍ର



ଏଇ ରିମଝିମ୍ ରିମଝିମ୍ ରାତିରେ
ବର୍ଷା ଭିଜା ମାଟିରେ,
ପାଗଳ କରିଛି ମୋତେ
ମନ ଖୋଜେ ତୋତେ ସାଥିରେ..

ଆକାଶ ଘୋଡ଼େଇ ମେଘର ଚାଦର
ଗୁମ୍ ଗୁମ୍ କରେ ଏକା,
କଦମ୍ବ କାନନେ ଖୋଜୁଛି ତୁମକୁ
ସାଜିଛି ଅଭିସାରିକା,
ଦଗାଦିଆ ତୁମେ ଭୁଲା ପ୍ରଜାପତି
ଚିରି ହୋଇଯାଏ ଛାତିରେ...

ଝରି ଝରି ଯାଏ ବରଷାର ଧାର
ଅମାନିଆ ଧାଏଁ ସୁଅ,
କେଉଁ ସହରରେ ମନର ମଣିଷ
ନୟନୁ ବୁହାଏ ଲୁହ,
ସେ କୋହର ବନ୍ଧ ଭାଙ୍ଗି ଗଲେ ଥରେ
ଆଉ କି ରଖିବ ଧରିରେ...

ବିଜୁଳି ଝଲକେ ଚମକି ଉଠୁଛି
ଦୂର ନଈ ପରବତ,
ଚକୋରି ତୃଷ୍ଣାରେ ବସିଛି ଅଧିରେ
ଗାଉଛି ବିରହ ଗୀତ,
ମଉସୁମୀ ଛୁଆଁ କରିଛି କିମିଆ
ଭରିଛି ଦେହରେ ତାତିରେ..

କଳାପାଣି, ବରଗଡ଼
ମୋ-୯୪୩୭୫୭୮୩୧୧

# ଚତୁର୍ମାସ୍ୟା କାଳ ...

ସୁଧୀର କୁମାର ଦାସ



ସବୁ ତାତି ସରିଗଲା
ମେଘ ନେଲା ଶୋଷି
ଅପେକ୍ଷାର ଅନ୍ତ ହେଲା
ଚାଷୀ ହେଲା ଖୁସି ।
ଲଙ୍ଗଳା ନଦୀର ଛାତି
ଅପେକ୍ଷା କରିଛି
ଜଳ ଆସି କେତେବେଳେ
ଛାତିରେ ଶୋଉଛି ।
ଆକାଶରେ ମେଘ ମାଳ
ଆଷାଢ଼ିଆ ରଙ୍ଗ
ଧାନ ଗଛ ମୁଣ୍ଡ ଟେକି
ଉନ୍ମଦିଆ ଭାବ ।
ମୟୂର ମୟୁରି ଖୁସି
ବର୍ଷା ଆଗମନେ
ନାଚି ନାଚି ପ୍ରୀତି ମିଳେ
ବନେ ଉପବନେ ।
ପ୍ରେମ ପ୍ରୀତି ଫେରିଆସେ
ହସେ ଯଉବନ
ବର୍ଷା ରାତି ସୁଖ ଦିଏ
ଭିଜିଯାଏ ମନ ।
ତାତି ଶେଷେ ମେଘ ଆସେ
ଆକାଶ ବଦଳେ
ଘଡଘଡି ମେଘ ରଡ଼ି
ଚତୁର୍ମାସ୍ୟା କାଳେ ।

ତରାବୋଇ, ଜଟଣୀ
ମୋ -୯୩୩୭୩୩୫୮୩୮

# କବିତା ନଈରେ ବନ୍ୟା

ଶରତ ଦାଶ



କବିତା ନଈରେ ଆସେନାହିଁ ବନ୍ୟା
ସବୁବେଳେ ସବୁକାଳେ
ଆସେ ବେଳେବେଳେ ବିନା ଇସାରାରେ
ବସି ଭାବନାର କୋଳେ ॥
ଉତକୀର୍ଣ୍ଣ କର୍ଣ୍ଣ ମନ ଛନଛନ
ବିଭୋର ବିଶୁଦ୍ଧ ବେଳା
ଶବଦର ପୁଷ୍ପ ଫୁଟାଇ ଛନ୍ଦରେ
ରଚେ ବିସ୍ମୟ ଲୀଳା ॥
ବାସ୍ନାର ମାୟା ବିସ୍ତାରି କାୟା
ବୁଣେ କାହାଣୀର ଜାଲ
ସୁଖରେ ନୟନୁ ଝରାଏ ଲୋତକ
ଦୁଃଖେ କରେ କଲବଲ ॥
ଶବ୍ଦର ଯାଦୁ କରେ ବିମୋହିତ
ଜୀବନ ଯୌବନ ଦୁଇ
ନିଶାରେ ବୁଡାଇ ପ୍ରେମରେ ଜଡ଼ାଏ
ଉଚ୍ଚାଟ କରେ ମହୀ ॥
ମାନବର ସର୍ବଶ୍ରେଷ୍ଠ ଆବିଷ୍କାର
ଶବ୍ଦ ବିସ୍ମୟ ମାୟା
ଭାଷାରେ ଆବଦ୍ଧ ଭାବପ୍ରକାଶର
ଅଭିନବ ଚାରୁକାୟା ॥
ଭାବ ଯେବେ କରେ ଅଥୟ ଉଚ୍ଚାଟ
ଝରିପଡେ ଶବ୍ଦ ହୋଇ
ଲେଖିହୋଇଯାଏ କବିତାପ୍ରସୂନ
ଭାସିଯାଏ ହୋଇ ନଈ ॥
ହୃଦୟସ୍ପନ୍ଦନ ମନଆଛନ୍ନ
କରି ନିଏ କେତେ ରୂପ
ବହୁ ରଙ୍ଗ ବାସ୍ନା ଧରି ନିଏ ଜନ୍ମ
କବିତା ସେ ଅପରୂପ ॥
ଆସେ ଯେବେ ବନ୍ୟା କବିତା ନଈରେ
ଧରାରେ ସଂଚରେ ପ୍ରେମ
ଧନ୍ୟ କରେ ସେ ତୁଚ୍ଛ ଜୀବନ
ଭ୍ରମାଏ ସହସ୍ର ଧାମ ॥
କବିତା ନଈରେ କରି ସନ୍ତରଣ
ରସ କରେ ପାନ ପ୍ରାଣ
ଲାଗେ ଭାରି ଭଲ ମାଟିର ଧରଣୀ
ସାଗର ପର୍ବତ ବନ ॥

ଭୁବନେଶ୍ୱର

# 'ଯେବେ ବର୍ଷା ଆସେ...'

ସତ୍ୟବ୍ରତ ସାହୁ

ଯେବେ ବର୍ଷା ଆସେ ତେବେ ଚର୍ଚ୍ଚା ଉଠେ ତୋ ନାଆଁରେ ମୋ ନାଆଁରେ
ଲୋକେ କୁହାକୁହି ବଧୂ ସାଜିବୁ ତୁ ମୋ ଗାଆଁରେ ମୋ ଗାଆଁରେ। (୦)

ଏଇ ବର୍ଷାରେ ଭିଜି ଭିଜି ଦିନେ ପରିଚୟ ହୋଇଥିଲେ
ଏଇ ବର୍ଷାରେ ଚୁପି ଚୁପି ପୁଣି ମନ ଦିଆନିଆ ହେଲେ
ଯେବେ ଝର୍କା ଖୋଲେ ତୁ ଫର୍ଚ୍ଚା ଦିଶୁ ଏଇ ମେଘରେ ଆଉ ନଭରେ
ତେଣୁ ଏ ବରଷା ନିଆଁ ଜାଳିଦିଏ ମୋ ମନରେ ତୋ ମନରେ।
ଯେବେ ବର୍ଷା ଆସେ...... (୧)

ଏଇ ବର୍ଷାରେ ଆମେ ଯିବାବେଳେ ଦେଖିଥିଲେ ଗାଆଁ ଲୋକେ
ମୋ ନାଆଁରେ ତୋ ନାଆଁକୁ ତେଣୁ ଯୋଡିଦେଲେ ଥୋକେ
ଯେବେ ପର୍ଦା ଟାଣେ ଲାଗେ ଦର୍ଜା ପାଖେ ତୁ ଅଛୁରେ ମୋତେ ଖୋଜୁରେ
ଏଇ ବର୍ଷା କହେ ତୁ ଝୁରୁ ମୋତେ ହେଉ ଦିନରେ ଅବା ରାତିରେ।
ଯେବେ ବର୍ଷା ଆସେ..... (୨)

ଯେବେ ବର୍ଷା ଆସେ ତେବେ ଚର୍ଚ୍ଚା ଉଠେ ତୋ ନାଆଁରେ ମୋ ନାଆଁରେ
ଲୋକେ କୁହାକୁହି ବଧୂ ସାଜିବୁ ତୁ ମୋ ଗାଆଁରେ ମୋ ଗାଆଁରେ। (୦)

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
ମୋ- ୮୯୧୭୨୭୩୫୪୫



# ସ୍ୱାଧୀନତା କାହିଁ ?

ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ



କେଉଁ ସ୍ୱାଧୀନତା ପାଇବା ପାଇଁକି
ଆତ୍ମବଳି ଗଲେ ଦେଇ
ନିଜ ଦେଶ ଲୋକେ ଦେଶର ଶତ୍ରୁ
ଇଂରେଜୀ ଶାସନ ନେଇ ।
ଇଂରେଜମାନେ ଥିଲାବେଳେ ଥିଲେ
ଇଂରେଜ ବିରୋଧୀ ହୋଇ
ଇଂରାଜୀ ଭାଷାର ଗୋଲାମ ହେବେନି
ଶପଥ ତ ଥିଲେ ନେଇ ।
ପାଟିରୁ ବାହାରେ ଫସ୍ ଫସ୍ ହୋଇ
ଇଂରାଜୀ ପ୍ରତି ପଦରେ
ନିଜଭାଷା ଆଉ ଭଲ ଲାଗେନାହିଁ
ସାହେବୀ କାଇଦା ଧରେ ।
ନିଶା ରାକ୍ଷସର କବଳୁ ବାହାରି
ଗଢିବେ ନୂତନ ଦେଶ
ଯୁବାପିଢି ନେବେ ନେତୃତ୍ୱ ତାହାର
ଦେଶର ହେବ ବିକାଶ ।
ସରଳାଦେବୀ ଓ ମା' ରମାଦେବୀ
ମାତୃଜାତି ଉଦ୍‌ବୋଧନେ
ମଧୁବାବୁ ଗୋପବନ୍ଧୁ ଆଦି ମିଶି
ଉଦ୍‌ବୋଧିଲେ ପ୍ରାଣପଣେ ।
ସବୁ ନିଷ୍ଫଳ ହୋଇଗଲା ଆଜି
ନିଶା କବଳିତ ଯୁବା
ଇଂରେଜ ଚଳଣୀ ଖାଦ୍ୟ ପାନୀୟରେ
ମନ ରଖୁଛନ୍ତି ସଦା ।
ଭାଷା ସୁରକ୍ଷାରେ ଲାଗିପଡିଥିଲେ
ଫକୀରମୋହନ ବୀର
ଗଙ୍ଗାଧର ଆଉ ଉପଇନ୍ଦ୍ର ଭଞ୍ଜ
ସଦର୍ପେ ଟେକିଲେ ଶିର ।
ଆଉ କେତେ କେତେ ଆତ୍ମବଳି ଦେଲେ
ଭାଷା ବଞ୍ଚେଇବା ପାଇଁ
ଖଣ୍ଡ ବିଖଣ୍ଡିତ ଓଡ଼ିଶା ମାତାର
ଅଙ୍ଗ ଯୋଡିଦେବା ପାଇଁ ।

ସବୁ ସ୍ଥିର ଆଜି ସେହି ଉନ୍ମାଦନା
ନାହିଁ ଯୁବାପିଢି ଠାରେ
ଓଡ଼ିଶା ମାତାର ସୁଯୋଗ୍ୟ ହେବାକୁ
ଆଦର ନାହିଁ ଅନ୍ତରେ ।
ସ୍ୱାଧୀନତା ଯଜ୍ଞେ କିଛି ଅବଦାନ
ନାହିଁ ଯୁବାପିଢିଙ୍କର
ତେଣୁ ତାଙ୍କ ହୃଦେ ଜନମିବ କାହୁଁ
ଦେଶପାଇଁ ପେମ ଝର ?
ସରଳ ସହଜ ଜୀବନରେ ଯେଣୁ
ଆଦର୍ଶ ଆଗରେ ନାହିଁ
ନିଶା କବଳିତ ହେବାଛଡା ଆଉ
ଅନ୍ୟଗତି ତାଙ୍କ କାହିଁ !

ଶିକ୍ଷାରେ ବେପାର ଗୃହରେ ବେପାର
ଲାଭକ୍ଷତି ମାପ ଖାଲି
ଶୃଙ୍ଖଳା ବିହୀନ ଗୁରୁ ଆଉ ଛାତ୍ର
ପାଠ ଚୂଲୀକୁ ଗଲାଣି ।
ଇଏ କଣ ସେହି ସ୍ୱାଧୀନ ଭାରତ
ବିଦ୍ୟାଶିକ୍ଷାର ମନ୍ଦିର
ଅଣାଅଶୀବର୍ଷ ସ୍ୱାଧୀନତା ପରେ
ଅଜ୍ଞାନର ଅନ୍ଧକାର ।
ଗୁରୁ ଗୁରୁଜନ ମାନୁନାହିଁ ପିଲା
ନାହିଁ ସଂସ୍କୃତି ଶରଧା
ପରମ୍ପରା ସବୁ ପୋଡି ଖାଇଲେଣି
କଥାର ଉତ୍ତର ବିଧା ।

କେଉଁ ସ୍ୱାଧୀନତା ଚାହିଁଥିଲେ ଲୋକେ
କଳାପାଣି ଯାଇଥିଲେ
ଚାବୁକ୍ ପ୍ରହାର ବୁଟ୍ ପ୍ରହାର
ପିଠିପାତି ସହିଥିଲେ ।
ଅନୁଶାସନର ପ୍ରହାର ନ ଥିଲେ
ଚରିତ୍ର ହୁଏନି ଗଢା
ବାଟବଣା ଆଜି ଶିକ୍ଷାର ବ୍ୟବସ୍ଥା
ମୂଲ୍ୟବୋଧ ହୀନ ପରା ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ-୮୮୯୫୨୭୪୭୯୪

# ପ୍ରେମ ତୁମେ ମୋର

ରମାକାନ୍ତ ଦାସ



ପ୍ରେମ ତୁମେ ମୋର
ଫଗୁଣର ରଙ୍ଗ
ଚଇତି ମଳୟ ଛୁଆଁ
ପ୍ରେମ ତୁମେ ମୋର
ହୃଦୟର ବ୍ୟାଥା
ମନେ ଜଳୁଥିବା ନିଆଁ ॥

ପ୍ରେମ ତୁମେ ମୋର
ଧାରା ଶ୍ରାବଣର
ପ୍ରୀତିଝରା ମଧୁରାତି
ପ୍ରେମ ତୁମେ ମୋର
ଅତୀତର ସେଇ
ହୃଦୟର ମିଠାଗୀତି ॥

ପ୍ରେମ ତୁମେ ମୋର
ଗୋଧୂଳି ସନ୍ଧ୍ୟା
କମଳେ ନିହାର ମୋତି
ପ୍ରେମ ତୁମେ ମୋର
ମାୟାବିନୀ ବନଛାଇ
ଅତୀତର ମିଠା ସ୍ମୃତି ॥

ପ୍ରେମ ତୁମେ ମୋର
ଜୋଛନା ରାତିରେ
କୁମାର ପୁନେଇଁ ଜହ୍ନ
ପ୍ରେମ ତୁମେ ମୋର
ପାହାନ୍ତି ପ୍ରହରେ
ଭାଙ୍ଗିଯାଇଥିବା ସ୍ୱପ୍ନ ॥

ପ୍ରେମ ତୁମେ ମୋର
ହୃଦୟର ସ୍ୱର
ଗୋଲାପି ସଞ୍ଜର ଚିଠି
ପ୍ରେମ ତୁମେ ମୋର
ଶେଷ ଠିକଣା
ଜାଣେନା ତୁମେ ଅଛ କେଉଁଠି ॥

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ- ୯୬୬୮୮୧୫୩୬୯

# ବର୍ଷା

ଶୁଭଶ୍ରୀ ଦାଶ

ବର୍ଷା !
କଥା ଦେଇଥିଲ ବୋଲି
ଫେରିଆସିଛ ମାଟିକୁ
ଭଲପାଇବାର ଉଚ୍ଚାଙ୍ଗ ସ୍ୱର ତୋଳି
ମାଟିମଗ୍ନା ହୋଇ
ଶ୍ରାବଣ ପଣତ ଫାଙ୍କରୁ
ଝରି ପଡୁଛ ।

କେତେ ଉଦାର ସତେ ତୁମେ ବର୍ଷା !
ଆକାଶ ଛୁଇଁଲାପରେ
କିଏବା ମାଟିକୁ ଆବୋରେ ?
ତୁମେ ଯେ ଅନନ୍ୟ
ସତେ ଅବା ମାଟିର ମନ୍ତ୍ର
ସଭିଙ୍କ କାନରେ ଫୁଙ୍କି ଦେଉଛ
ଯତାଇ ଦେଉଛ
ମାଟିରୁ ଗୋଡ଼ ଉଠିଗଲେ
କଚାଡି ପଡ଼ିବା ଥୟ ।

ଯାଅ ବର୍ଷା ଯାଅ !
ବିଶ୍ୱାସର ଇନ୍ଦ୍ରଧନୁଟିଏ ଆଙ୍କିଦେଇ
ବର୍ଷିଯାଅ
ପ୍ରାକ୍ ଐତିହାସିକ ଯୁଗରୁ
ଅନ୍ୟମନସ୍କ ଥିବା
ପ୍ରିୟାର ବ୍ୟାକୁଳ କାୟାକଳ୍ପରେ ।
ଭଲପାଇବାର ମୂର୍ଚ୍ଛନା ତୋଳିଦିଅ
ହିଂସା, କ୍ରୋଧରେ ଜଳୁଥିବା
ଏ ସୁନ୍ଦର ସୃଷ୍ଟିରେ ।

ଶ୍ରୀକଣ୍ଠପୁର, ବାଲେଶ୍ୱର

31 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୨୩ ଅଗଷ୍ଟ, ଶନିବାର, ୨୦୨୫


# ବିସିସିଆଇ ଚୟନ କମିଟିକୁ ଆସିବେ ଆଉ ଜଣେ ଓଡ଼ିଆ !

**ନୂଆଦିଲ୍ଲୀ**

ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ବିସିସିଆଇ ଚୟନ କମିଟିରେ ସାମିଲ ହୋଇ ପାରନ୍ତି ଆଉ ଜଣେ ଓଡ଼ିଆ । ଏବେ ଭାରତୀୟ ଦଳକୁ ବାଛୁଥିବା କମିଟିରେ ଓଡ଼ିଶାର ଶିବ ସୁନ୍ଦର ଦାସ ରହିଛନ୍ତି । ତାଙ୍କ ପୂର୍ବରୁ ଦେବାଶିଷ ମହାନ୍ତି ଥିଲେ । ଏବେ ଏଥିରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଯୋଡ଼ି ହୋଇ ପାରନ୍ତି ।

ଯଦିଓ ପ୍ରଜ୍ଞାନ ହାଇଦ୍ରାବାଦ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିଲେ, କିନ୍ତୁ ସେ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିଲେ । ଏବେ ତୃତୀୟ ଓଡ଼ିଆ ଭାବେ ସେ ବିସିସିଆଇ ଚୟନ କମିଟିରେ ସାମିଲ ହେବ ବୋଲି ଖବର ପ୍ରକାଶ ପାଇଛି ।

ରିପୋର୍ଟ ଅନୁସାରେ, ବିସିସିଆଇ ଚୟନ କମିଟିର ଦୁଇଟି ପଦ ପାଇଁ ଦରଖାସ୍ତ ଆହ୍ୱାନ କରିଛି । ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୦ ରହିଛି । କେଉଁ ଜୋନରୁ ନୂଆ ସଦସ୍ୟଙ୍କୁ ସାମିଲ କରାଯିବ ? କିଏ ବଦଳିବେ, ସେକଥା ବିସିସିଆଇ କହିନି । କେବଳ ୨ଟି ପଦ ପାଇଁ ଦରଖାସ୍ତ ଆହ୍ୱାନ କରିଛି । ଏହା ମଧ୍ୟରୁ ଗୋଟିଏ ପଦରେ ପ୍ରଜ୍ଞାନ ଓଝା ନିଯୁକ୍ତି ପାଇବେ ବୋଲି କୁହାଯାଉଛି । କ୍ରିକ୍‌ବଜ୍‌ରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ କେନ୍ଦ୍ରୀୟ ଓ ଦକ୍ଷିଣ ଜୋନରୁ ଦୁଇ ଜଣ ସଦସ୍ୟ ଚୟନ କମିଟିକୁ ଆସିବେ । ପ୍ରଜ୍ଞାନ ସମ୍ଭବତଃ ଦକ୍ଷିଣ ଜୋନରୁ ପ୍ରତିନିଧିତ୍ୱ କରୁଥିବା ଏସ୍. ଶରତଙ୍କ ସ୍ଥାନ ନେବେ । କାରଣ ଶରତଙ୍କ କାର୍ଯ୍ୟକାଳ ଶେଷ ହୋଇଗଲାଣି । ତଥାପି ନୂଆ କେନ୍ଦ୍ରୀୟ ଜୋନ ସଦସ୍ୟଙ୍କ ସମ୍ପର୍କରେ କିଛି ବି କୁହାଯାଇ



ନାହିଁ । ପୂର୍ବ କାର୍ଯ୍ୟକାଳରେ ଏସ ଶରତ ଓ ଶିବ ସୁନ୍ଦର ଦାସ ଯଥାକ୍ରମେ ଦକ୍ଷିଣ ଓ କେନ୍ଦ୍ରୀୟ ଜୋନ୍‌ରୁ ଚୟନ କମିଟିରେ ରହିଥିଲେ ।

ରିପୋର୍ଟରେ କୁହାଯାଇଛି ଯେ "ଏସ ଶରତ ଦକ୍ଷିଣ ଜୋନରୁ ଆସିଛନ୍ତି । ତାଙ୍କ କାର୍ଯ୍ୟକାଳ ଶେଷ ହୋଇ ସାରିଛି । ତାଙ୍କ ସ୍ଥାନ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝା ନେବେ । ତେବେ କେନ୍ଦ୍ରୀୟ ଜୋନକୁ କିଏ ପ୍ରତିନିଧିତ୍ୱ କରିବେ ଓ କିଏ ବଦଳିବେ, ସେକଥା ସ୍ପଷ୍ଟ ହୋଇନି । ବର୍ତ୍ତମାନ କମିଟିରେ ଥିବା ଏସଏସ ଦାସ ଓ ସୁବ୍ରତୋ ବାନାର୍ଜୀ ନିଜ ଖେଳ ଜୀବନରେ ଇଷ୍ଟ ଜୋନକୁ ପ୍ରତିନିଧିତ୍ୱ କରୁଥିଲେ । ତେଣୁ ଉଭୟଙ୍କୁ ଇଷ୍ଟ ଜୋନ ସଦସ୍ୟ ଭାବେ ବିବେଚନା କରାଯାଉଛି ।

ଚୟନକର୍ତ୍ତାମାନଙ୍କ ଚୁକ୍ତି ବାର୍ଷିକ ସମୀକ୍ଷା କରାଯାଏ । ୨୦୨୬ ଯାଏ ଅଜିତ ଅଗରକର ମୁଖ୍ୟ ଚୟନକର୍ତ୍ତା ଭାବେ ରହିବେ । କିନ୍ତୁ କେଉଁ ଚୟନକର୍ତ୍ତା ବଦଳିବେ, ତା'କୁ ନେଇ ତର୍ଜମା ଆରମ୍ଭ ହୋଇଛି ।"

ଚୟନ କମିଟି ସଦସ୍ୟ ପଦ ପାଇଁ ଆବେଦନକାରୀ ଅତି କମ୍‌ରେ ୭ଟି ଟେଷ୍ଟ କିମ୍ବା ୩୦ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିବେ । ଅତି କମରେ ୧୦ଟି ଦିନିକିଆ ଓ ୨୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆବେଦନ କରିହେବ ।

# ଶ୍ରେୟସ ଆୟାରଙ୍କୁ ମିଳିପାରେ ଦିନିକିଆ ଅଧିନାୟକ ପଦ

**ମୁମ୍ବାଇ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଦିନିକିଆ ଓ ଟି-୨୦ରେ ଅଲଗା ଅଲଗା ଅଧିନାୟକତ୍ୱ ନିଷ୍ପତ୍ତି ନେଇଛି । ସୂତ୍ର ଅନୁସାରେ, ଶ୍ରେୟସ ଆୟାର ଦିନିକିଆ ଦଳର ପରବର୍ତ୍ତୀ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ ସ୍ଥାନ ନେବେ । ଅନ୍ୟପକ୍ଷରେ ଶୁଭମନ ଗିଲ ଟି-୨୦ରେ ସୂର୍ଯ୍ୟକୁମାର ଯାଦବଙ୍କୁ ପରିବର୍ତ୍ତନ କରିବେ । ଗିଲଙ୍କୁ ଆସନ୍ତା ଏସିଆ କପ (୯-୨୮ ସେପ୍ଟେମ୍ବର, ୟୁଏଇ) ପାଇଁ ଟି-୨୦ ଉପଅଧିନାୟକ ନିଯୁକ୍ତ କରାଯାଇଛି ।

ଏସିଆ କପ ପରେ ଦିନିକିଆ ଦଳର ଅଧିନାୟକତ୍ୱ ନେଇ ନିଷ୍ପତ୍ତି ହୋଇପାରେ । ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନିଜ ଦିନିକିଆ ଭବିଷ୍ୟତ ନିଷ୍ପତ୍ତି ନେବାକୁ ଅନୁମତି ଦିଆଯିବ । ବିସିସିଆଇ ରୋହିତଙ୍କୁ ଅଧିନାୟକତ୍ୱରୁ ମୁକ୍ତ କରିବାକୁ ଚାହୁଁଛି । ଗୁଜବ ରହିଛି ଯେ, ରୋହିତ ଓ ବିରାଟ ଅଷ୍ଟ୍ରେଲିଆ ଗସ୍ତରେ ଶେଷ ଦିନିକିଆ ଖେଳିପାରନ୍ତି ।

ବିରାଟ ୩୦୨ ଦିନିକିଆରେ ୧୪,୧୮୧ ରନ (ହାରାହାରି ୫୭.୮୮, ୫୧ ଶତକ) ଏବଂ ରୋହିତ ୨୭୨ ଦିନିକିଆରେ



୧୧,୧୬୮ ରନ (ହାରାହାରି ୪୮.୭୬, ୩୨ ଶତକ) ସଂଗ୍ରହ କରିଛନ୍ତି । ଉଭୟେ ଶେଷ ଥର ଚାମ୍ପିଅନ୍ସ ଟ୍ରଫିରେ ଖେଳିଥିଲେ, ଯେଉଁଠାରେ ବିରାଟ ୫ ମ୍ୟାଚରେ ୨୧୮ ରନ (ହାରାହାରି ୫୪.୫୦) ଓ ରୋହିତ ୧୮୦ ରନ (ହାରାହାରି ୩୬.୦୦) ସହ ଟାଇଟଲ ଜିତିଥିଲେ ।

୨୦୨୭ ଦିନିକିଆ ବିଶ୍ୱକପ ପର୍ଯ୍ୟନ୍ତ ଉଭୟ ଖେଳିବେ କି ନାହିଁ, ତାହା ଏକ ବଡ଼ ପ୍ରଶ୍ନ ଭାବେ ରହିଛି ।

# ବେଙ୍ଗାଲୁରୁ ହରାଇଲା ମହିଳା ବିଶ୍ୱକପ ଆୟୋଜନ ଅଧିକାର

**ନୂଆଦିଲ୍ଲୀ**

ଆସନ୍ତା ଦିନିକିଆ ମହିଳା ବିଶ୍ୱକପ ଆୟୋଜନ କରିବାର ଅଧିକାର ହରାଇଛି ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ । ପୂର୍ବରୁ ଆଇସିସି ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ମହିଳା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚ୍ ଠାରୁ ଆରମ୍ଭ କରି ପ୍ରମୁଖ ଲଢ଼େଇ ଗୁଡ଼ିକ ଏଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନେଇଥିଲା । କିନ୍ତୁ ସଂଶୋଧିତ ତାଲିକା ଜାରି କରାଯାଇଛି ।

ଏହି ତାଲିକାରୁ ଏମ୍ ଚିନ୍ନାସ୍ୱାମୀ ବାଦ ପଡ଼ିଛି । ଏଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପର ୫ଟି ଯାକ ମ୍ୟାଚକୁ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଯାଇଛି । ବେଙ୍ଗାଲୁରୁ ବଦଳରେ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ମହିଳା ବିଶ୍ୱକପର ୫ଟି ମ୍ୟାଚ୍ ଆୟୋଜନର ଅଧିକାର ପାଇଛି । ୨୦୨୫ ଆଇପିଏଲ ଟ୍ରଫି ଜିତିବା ପରେ ଆରସିବି ପକ୍ଷରୁ ଆୟୋଜିତ ବିଜୟ ଉତ୍ସବରେ ଦଳଚକଟା ସ୍ଥିତି ସୃଷ୍ଟି ହୋଇଥିଲା । ଏଥିପାଇଁ କର୍ଣ୍ଣାଟକା କ୍ରିକେଟ ବୋର୍ଡ ମହିଳା ବିଶ୍ୱକପ ଆୟୋଜନର ଅଧିକାର ହରାଇଛି । ମ୍ୟାଚର ଭେନ୍ୟୁ ବଦଳିଥିଲେ ହେଁ ମହିଳା ଦିନିକିଆ ବିଶ୍ୱକପ ତାରିଖରେ କୌଣସି ପରିବର୍ତ୍ତନ ହୋଇନାହିଁ ।

ଏହା ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଚାଲିବ । ବେଙ୍ଗାଲୁରୁ ବଦଳରେ ନଭି ମୁମ୍ବାଇରେ ବିଶ୍ୱକପର ୫ଟି ମ୍ୟାଚ୍ ଆୟୋଜନ କରିବ । ବେଙ୍ଗାଲୁରୁରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବାର ଥିଲା । ସେହିପରି ଗୋଟିଏ ସେମି ଫାଇନାଲ ମ୍ୟାଚ୍ ଓ ଫାଇନାଲ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଏବେ ଗୁହାଟୀ ବିଶ୍ୱକପର ଉଦଘାଟନୀ ମ୍ୟାଚ୍ ଆୟୋଜନ କରିବ । ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଶ୍ରୀଲଙ୍କା ମୁହାଁମୁହିଁ ହେବେ ।

ଗୋଟିଏ ସେମିଫାଇନାଲ ନଭି ମୁମ୍ବାଇରେ ଖେଳାଯିବ ଓ ପାକିସ୍ତାନ ଯଦି ଯୋଗ୍ୟତା ଅର୍ଜନ ନ କରିବ, ତା'ହେଲେ ଅନ୍ୟ ସେମି ଫାଇନାଲ ମ୍ୟାଚ୍‌ଟି ଗୌହାଟୀରେ ଅନୁଷ୍ଠିତ ହେବ । ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ ଗୌହାଟୀ ବଦଳରେ ସେମି ଫାଇନାଲ କଲମ୍ବୋରେ ଖେଳାଯିବ ।

ଯଦି ପାକିସ୍ତାନ ଫାଇନାଲରେ ପ୍ରବେଶ ନ କରିବ, ତା'ହେଲେ ଦିନିକିଆ ମହିଳା ବିଶ୍ୱକପର ଗ୍ରାଣ୍ଡ ଫାଇନାଲ ନଭି ମୁମ୍ବାଇରେ ଅନୁଷ୍ଠିତ ହେବ ବୋଲି ଆଇସିସି ଜାରି କରିଥିବା ସୂଚୀରୁ ସ୍ପଷ୍ଟ ହୋଇଛି ।

ମହିଳା ଦିନିକିଆ ବିଶ୍ୱକପରେ ମୋଟ ୮ଟି ଟିମ୍ ଭାଗ ନେବେ । ସେମାନେ ହେଲେ–ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ।

୨୦୨୨ରେ ନ୍ୟୁଜିଲାଣ୍ଡ ମହିଳା ଦିନିକିଆ ବିଶ୍ୱକପର ଆୟୋଜନ କରିଥିଲା । ଏହି ମେଗା ଇଭେଣ୍ଟର ଫାଇନାଲରେ ଇଂଲଣ୍ଡକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା । ଅଷ୍ଟ୍ରେଲିଆ ସର୍ବାଧିକ ୭ ଥର ମହିଳା ଦିନିକିଆ ବିଶ୍ୱକପ ଜିତିଛି ।

ଭାରତୀୟ ମହିଳା ଟିମ ତା'ର ବିଶ୍ୱକପ ଅଭିଯାନ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ କରିବ । ସେପଟ୍ଟେମ୍ବର ୩୦ରେ ଦଳ ପ୍ରଥମ ମ୍ୟାଚ୍ ଖେଳିବାକୁ ଥିବା ବେଳେ ଅକ୍ଟୋବର ୫ରେ ପାକିସ୍ତାନକୁ ଭେଟିବ । ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳାଯିବ ।

ଅକ୍ଟୋବର ୯ରେ ଦଳ ବିଶାଖାପଟନମରେ ଦକ୍ଷିଣ ଆଫ୍ରିକା, ଅକ୍ଟୋବର ୧୨ରେ ଅଷ୍ଟ୍ରେଲିଆକୁ, ଅକ୍ଟୋବର ୧୯ରେ ଇନ୍ଦୋରରେ ଇଂଲଣ୍ଡକୁ, ଅକ୍ଟୋବର ୨୩ରେ ନଭି ମୁମ୍ବାଇରେ ନ୍ୟୁଜିଲାଣ୍ଡକୁ ଓ ଶେଷ ଲିଗ ମ୍ୟାଚ୍ ଭାରତ ଅକ୍ଟୋବର ୨୬ରେ ବାଂଲାଦେଶ ବିପକ୍ଷରେ ଖେଳିବ । ଏହି ମ୍ୟାଚଟି ନଭି ମୁମ୍ବାଇରେ ଖେଳାଯିବ ।

# ଖେଳାଳିଙ୍କ ଫିଟନେସ୍ ପରୀକ୍ଷା ପାଇଁ ବ୍ରୋଙ୍କୋ ଟେଷ୍ଟ ନିୟମ ଲାଗୁ କଲା ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଖେଳାଳିଙ୍କ ଫିଟନେସ୍ ପରୀକ୍ଷା କରିବା ପାଇଁ ଏକ ନୂତନ ନିୟମ ପ୍ରଚଳନ କରିଛି । ଏହି ନିୟମର ନାମ ହେଉଛି ବ୍ରୋଙ୍କୋ ଟେଷ୍ଟ । ଏହାକୁ ରଗ୍‌ବିରୁ କ୍ରିକେଟକୁ ନିଆଯାଇଛି । ଏହା ଖେଳାଳିଙ୍କ ଏରୋବିକ କ୍ଷମତା ଏବଂ ଦୌଡ଼ ଷ୍ଟାମିନା ପରୀକ୍ଷା କରିବ । ଏହା ସହିତ, ଏହି ପରୀକ୍ଷା ପଡ଼ିଆରେ ରହିବା ଏବଂ ଦୀର୍ଘ ଦୂରତା ପାଇଁ ଦୌଡ଼ିବାର କ୍ଷମତା ପରୀକ୍ଷା କରିବ ।

ଏହି ବ୍ରୋଙ୍କୋ ଟେଷ୍ଟ ମୁଖ୍ୟତଃ ବୋଲରମାନଙ୍କ ପାଇଁ । ଏହି ପରୀକ୍ଷାରେ ପାସ୍ କରିବା ପରେ ହିଁ ଖେଳାଳିଙ୍କୁ ଟିମ୍ ଇଣ୍ଡିଆରେ ସାମିଲ



କରାଯିବ । ଖେଳାଳିଙ୍କ ଷ୍ଟାମିନା ବୃଦ୍ଧି କରିବା ଏବଂ ସେମାନଙ୍କୁ ଦୀର୍ଘ ସମୟ ପାଇଁ ଫିଟ୍ ରଖିବା ପାଇଁ ବ୍ରୋଙ୍କୋ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି ।

ଖେଳାଳିଙ୍କ ଏରୋବିକ କ୍ଷମତା ଏବଂ ଦୌଡ଼ ଷ୍ଟାମିନା ବ୍ରୋଙ୍କୋ ଟେଷ୍ଟ ମାଧ୍ୟମରେ ପରୀକ୍ଷା କରାଯିବ । ଏଥିରେ, ଖେଳାଳିଙ୍କୁ ଗୋଟିଏ ସେଟ୍‌ରେ ୨୦ ମିଟର, ୪୦ ମିଟର ଏବଂ ୬୦ ମିଟରର ସଟଲ ରନ କରିବାକୁ ପଡିବ । ଏହିପରି ମୋଟ ପାଞ୍ଚଟି ସେଟ ବିନା ଅଟକି ସମାପ୍ତ କରିବାକୁ ପଡ଼ିବ ।

ରିପୋର୍ଟ ଅନୁଯାୟୀ, ଭାରତୀୟ ଖେଳାଳିମାନଙ୍କୁ ୬ ମିନିଟ ମଧ୍ୟରେ ବ୍ରୋଙ୍କୋ ପରୀକ୍ଷା ପାସ୍ କରିବାକୁ କୁହାଯାଇଛି । ଜଣେ ଖେଳାଳି ପାଞ୍ଚଟି ସେଟ୍‌ରେ ପ୍ରାୟ ୧୨୦୦ ମିଟର ଦୌଡ଼ିବେ ।

ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ ଲେ ରକ୍ସ ବ୍ରୋଙ୍କୋ ପରୀକ୍ଷା ସୁପାରିସ କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ଏଥିରେ ସହମତ ହୋଇଥିଲେ । ଲେ ରକ୍ସ ଚାହାନ୍ତି ଯେ, ଦ୍ରୁତ ବୋଲର ମାନେ ଜିମ ଅପେକ୍ଷା ଦୌଡ଼ିବା ଉପରେ ଅଧିକ ଧ୍ୟାନ ଦିଅନ୍ତୁ ।

ଭାରତୀୟ ବୋଲରମାନେ ଟେଷ୍ଟ କ୍ରିକେଟରେ ଲମ୍ବା ସ୍ପେଲ ବୋଲିଂ କରିବାରେ ବିଫଳ ହୋଇଛନ୍ତି । ସମ୍ପ୍ରତି, ଇଂଲଣ୍ଡ ଗସ୍ତରେ, କେବଳ ମହମ୍ମଦ ସିରାଜ ପାଞ୍ଚଟି ଟେଷ୍ଟ ଖେଳିପାରିଥିଲେ ଏବଂ ପ୍ରତ୍ୟେକ ସେସନରେ ସମାନ ଗତିରେ ବୋଲିଂ କରିଥିଲେ । ବାକି ବୋଲରମାନେ ଲମ୍ବା ସ୍ପେଲ ବୋଲିଂ କରି କ୍ଲାନ୍ତ ହେଉଥିଲେ । ସେଥିପାଇଁ ଏହି ନୂତନ ଫିଟନେସ ପରୀକ୍ଷା ପ୍ରଚଳନ କରାଯାଇଛି ।

## ଶରଧାପୁର ଫୁଟବଲ ଲିଗ୍

# ଜଟଣୀକୁ ୧-୦ ଗୋଲରେ ହରାଇଲା ତରତୁଆ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଶରଧାପୁର ଫୁଟବଲ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ତୃତୀୟ ଦିନ ଖେଳରେ ରାଇଜିଂ ଷ୍ଟାର ତରତୁଆ ବନାମ ଡାଇନାମିକ କ୍ଲବ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରିନଥିଲେ । ତେବେ ଖେଳର ଶେଷାର୍ଦ୍ଧରେ ତରତୁଆ ଦଳ ଏକ ମାତ୍ର ଗୋଲ ଦେଇ ବିଜୟୀ ହୋଇଥିଲା । ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡ଼ଜେନା, ମୀନକେତନ ବଡ଼ଜେନା, ସମସୁଦ୍ଦିନ ଯୁହା ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳକୁ ସୌକତ ଅହମ୍ମଦ ପରିଚାଳନା କରିଥିବା ବେଳେ ଇଜାଜ ହୁସେନ, ଅମଜଦ ଖାଁ ଓ ସାଗିର ଅହମ୍ମଦ ତାଙ୍କୁ ଲାଇନରେ ସହାୟତା କରିଥିଲା ବେଳେ ଚତୁର୍ଥ ରେଫରି ଭାବେ ସାଗିର ଅହମ୍ମଦ କାର୍ଯ୍ୟ ତୁଲାଇଥିଲେ । ତେବେ ଚତୁର୍ଥ ଦିନ ପାଇକତିଗିରିଆ ଓ ବିନ୍ଧ୍ୟଗିରି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆସୋସିଏସନ୍ ସମ୍ପାଦକ ଏସ ଇ ହୁଦା ସୂଚନା ଦେଇଛନ୍ତି ।

# ଗାଧୋଇବାବେଳେ ପଥରରେ ଚାପି ହୋଇ ଛାତ୍ର ମୃତ

**ପାତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ପାହାଡ଼ ଉପରେ ଥିବା ଏକ ଝରଣାରେ ଗାଧୋଇବାବେଳେ ପଥରରେ ଚାପି ହୋଇ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି । ମୃତ ଛାତ୍ର ଜଣକ ତୁମ୍ବା ପଞ୍ଚାୟତ କଦଳୀ ଗାଁରୁ ଆସି ମାଙ୍କାଡ଼ାଇରେ ରହୁଥିବା ଶଙ୍କର ଶବର ବୋଲି ଜଣାପଡ଼ିଛି । ଶଙ୍କର ତିନି ଜଣ ସାଙ୍ଗଙ୍କ ସହିତ ଗ୍ରାମ ନିକଟରେ ଥିବା ଏକ ଝରଣାକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ସେ ଝରଣା ମଧ୍ୟରେ ଥିବା ଏକ ପଥର ଉପରେ ଛିଡ଼ା ହୋଇଥିବାବେଳେ ଏକ ବଡ଼ ପଥର ଖସି ଆସିବା ପରେ ଦୁଇଟି ପଥର ମଧ୍ୟରେ ଚାପି ହୋଇଯାଇଥିଲେ । ପାଖରେ ଥିବା ସାଙ୍ଗମାନେ ଏହା ଦେଖି ଗ୍ରାମରେ ଖବର ଦେଇଥିଲେ । ଖବର ଶୁଣି ତୁରନ୍ତ ଗ୍ରାମରୁ କିଛି ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର ନିମନ୍ତେ ଚେଷ୍ଟା କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଅଣ୍ଡରସିଙ୍ଗି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ତାଙ୍କରି ଦୁଃଖଦ ମୃତ୍ୟୁ ଖବର ପାଇ ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନାବାଳିକା ଅପହରଣ ମାମଲା

# ଅଭିଯୁକ୍ତ ନାବାଳକର ଆତ୍ମସମର୍ପଣ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ବହୁ ଚର୍ଚ୍ଚିତ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ନାବାଳକ ଧାମନଗର ଥାନାରେ ଆତ୍ମସମର୍ପଣ କରିଛି । ଏହା ପରେ ପୋଲିସ ତାକୁ ଅନୁଗୁଳସ୍ଥିତ ଜୁଭେନାଇଲ୍ ହୋମ୍‌କୁ ନେଇଛି । ବର୍ତ୍ତମାନ ପାଇଁ ନାବାଳକ ଜଣକ ସେହିଠାରେ ରହିବ ବୋଲି ଆଇଆଇସି ଗୋପାଳକୃଷ୍ଣ ଜେନା କହିଛନ୍ତି । ଅନ୍ୟପକ୍ଷରେ ଅପହୃତା ନାବାଳିକାଙ୍କୁ ୧୧ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଯଶୀପୁରରୁ ଉଦ୍ଧାର କରାଯାଇ ଭଦ୍ରକର ଏକ ସ୍ୱଳ୍ପକାଳୀନ ଗୃହରେ ଛଡ଼ାଯାଇଛି । ଧାମନଗର ଥାନା କାଙ୍କରା ଅଞ୍ଚଳର ଜଣେ ନାବାଳିକାକୁ ଧାମନଗର ଏନ୍‌ଏସି ଅଞ୍ଚଳର ନାବାଳକ ୧୭ ଜୁନ୍ ୨୦୨୫ ବିଳମ୍ବିତ ରାତିରେ ଅପହରଣ କରିନେଇ ଥିଲେ । ଏନେଇ ସଂପୃକ୍ତ ନାବାଳିକାଙ୍କ ବାପା ମାଆ ୧୮ ଜୁନରେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ଚୁପ୍ ବସି ଯାଇଥିଲା । ବାରମ୍ବାର ଥାନାକୁ ଆସିଥିଲେ ବି ତଦନ୍ତ କରୁଛୁ କହି ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ଥିବା ନେପାଳ ଶାହ ତାଙ୍କୁ ବିଦା କରି ଦେଇଥିଲେ । ପରେ ନାବାଳିକାଙ୍କ ବାପା ମାଆ ଜିଦ୍ଦି କରିବାରୁ ନେପାଳ ତାଙ୍କୁ କିଛି ଟଙ୍କା ଦେବାକୁ ଦାବି କରିଥିଲେ । ଟଙ୍କା ଦେଲେ ଆମେ ଯାଇ ଝିଅକୁ ଧରିବୁ ବୋଲି କହିଥିଲେ । ପୋଲିସ ପାଖରୁ ନିରାଶ ହୋଇ ନାବାଳିକାଙ୍କ ବାପା ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । ଘଟଣାକୁ ଗୁରୁତ୍ୱ ସହ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ଏହାସହ ଅଗଷ୍ଟ ୧୧ରେ ପ୍ରତ୍ୟକ୍ଷ ହାଜର ହେବା ଲାଗି ଭଦ୍ରକ ଏସପି, ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀ ଧାମନଗର ଥାନାର ଏଏସ୍‌ଆଇ ନେପାଳ ଶାହଙ୍କୁ ଅଗଷ୍ଟ ୫ରେ ଶୁଣାଣି କରି ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପୋଲିସ ଅଭିଯୁକ୍ତ ନାବାଳକର ସଂପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା । ସେମାନଙ୍କ ସୂଚନା ଆଧାରରେ ଯଶୀପୁରରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ତେବେ ପୋଲିସ ସେଠାରେ ପହଞ୍ଚିଲା ବେଳକୁ ଅଭିଯୁକ୍ତ ଖସି ଯାଇଥିଲା । ନାବାଳିକାଙ୍କୁ ଥାନାକୁ ଆଣିବା ପରେ ଡାକ୍ତରଖାନା ନିଆଯାଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ପରେ ପରେ ତାଙ୍କୁ ସ୍ୱଳ୍ପକାଳୀନ ରହଣି କେନ୍ଦ୍ରକୁ ପଠା ଯାଇଥିଲା । ତେବେ ତଦନ୍ତରେ ଅବହେଳା ପାଇଁ ଧାମନଗର ଥାନାର ଏଏସ୍‌ଆଇ ନେପାଳ ଶାହଙ୍କୁ ଭଦ୍ରକ ଏସ୍‌ପି ମନୋଜ ରାଉତ ନିଲମ୍ବନ କରିଥିଲେ ।

# ସଡ଼କ ସୁରକ୍ଷା ସଚେତନତାରେ ସହଭାଗୀ ହେବେ ପୂଜା କମିଟି : ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଚିଠି

**କଟକ/ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପାର୍ବଣରେ ପୂଜା ମଣ୍ଡପରେ ଲାଗିବ ସଡ଼କ ସୁରକ୍ଷା ବାର୍ତ୍ତା । ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ ହେବେ ସଚେତନ । ଏଥିପାଇଁ ସମସ୍ତ ପୂଜା କମିଟିଙ୍କୁ ଅନୁରୋଧ କରାଯିବ । କେବଳ ସେତିକି ନୁହେଁ, ନିଜ ଅଞ୍ଚଳକୁ ଦୁର୍ଘଟଣା ମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବିଙ୍କୁ ମଧ୍ୟ ଅନୁରୋଧ କରାଯିବ । ପାର୍ବଣ ସଂପର୍କିତ ସମନ୍ୱୟ ବୈଠକରେ ପୂଜା କମିଟି ମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ସମସ୍ତ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି ପରିବହନ ଆୟୁକ୍ତ ଅମିତାଭ ଠାକୁର ।



ଚିଠିରେ ପରିବହନ ଆୟୁକ୍ତ ଉଲ୍ଲେଖ କରିଛନ୍ତି, ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି । ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ତେଣୁ ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଯାଇ ପାରିବ । ଏହାକୁ ଦୃଷ୍ଟିରେ ରଖି ପୂଜା କମିଟି ମାନଙ୍କୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଅନୁରୋଧ କରାଯାଇ ପାରିବ । ସେ ସମସ୍ତ ଜିଲ୍ଲାପାଳ, ଏସପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି । ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ପାଇଁ ନିୟମ ପାଳନର ଗୁରୁତ୍ୱ ସଂପର୍କରେ ବାର୍ତ୍ତା ପ୍ରଦର୍ଶିତ ହେବ । ପୂଜା କମିଟି ମାନେ ବିଭିନ୍ନ ଉପାୟରେ ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇ ପାରିବେ । ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଅନୁରୋଧ କରାଯାଇପାରିବ । ପାର୍ବଣ ସଂପର୍କିତ ସମନ୍ୱୟ ବୈଠକରେ ଏହି ବିଷୟରେ ଆଲୋଚନା କରିବାକୁ କୁହାଯାଇଛି ।

ଏହାସହ ପୂଜା କମିଟିର ବରିଷ୍ଠ ସଦସ୍ୟମାନେ ସାଧାରଣତଃ ସାହି ମୁରବି ଭାବରେ ସମ୍ମାନ ପାଆନ୍ତି । ସେମାନଙ୍କ କଥାକୁ ଯୁବପିଢ଼ିମାନେ ପାଳନ କରିଥାନ୍ତି । ତେଣୁ ପୂଜା ପରେ ମଧ୍ୟ ନିଜ ଅଞ୍ଚଳକୁ ସଡ଼କ ଦୁର୍ଘଟଣାମୁକ୍ତ କରିବା ଦିଗରେ ସେମାନେ ଉଦ୍ୟମ କରିପାରିବେ । କେବଳ ଦୁର୍ଗା ପୂଜା ନୁହେଁ, ସମସ୍ତ ପ୍ରମୁଖ ପର୍ବପର୍ବାଣିରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାରକୁ ଗୁରୁତ୍ୱ ଦେବାକୁ ପରିବହନ ଆୟୁକ୍ତ ଅନୁରୋଧ କରିଛନ୍ତି । ଜିଲ୍ଲାପାଳ ଓ ଏସପି ମାନେ ଏ ଦିଗରେ ପୂଜା କମିଟିମାନଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି । ଏହାସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସକ୍ରିୟ ଭାବରେ ଏହି ଅଭିଯାନରେ ସାମିଲ ହୋଇ ଅଧିକରୁ ଅଧିକ ଲୋକଙ୍କ ପାଖେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଅଳଙ୍କାର ସଫେଇ ବାହାନାରେ ଠକି ନେଲେ ୨ ଲକ୍ଷ ଟଙ୍କାର ଗହଣା

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ପଥରପୁରା ଗାଁର ସସ୍ମିତା ବହେରା ଓ ଶାଶୂ କବିତା ବେହେରା ଘରେ ଥିବା ବେଳେ ୨ ଜଣ ଅଜଣା ଯୁବକ ବାଇକ୍ ଯୋଗେ ଗହଣା ସଫା ବାହାନାରେ ଘରେ ପହଞ୍ଚିଥିଲେ । ବୋହୂ ସସ୍ମିତା ଯୁବକମାନଙ୍କ କଥାକୁ ବିଶ୍ୱାସ କରି ଗୋଟିଏ ସୁନା ହାର, ଯୋଡ଼ାଏ ସୁନା କାନଫୁଲ ଓ ଗାଟିଏ ସୁନା ମୁଦି ସଫା କରିବା ପାଇଁ ଦେଇଥିଲେ । ଯୁବକମାନେ ଅଳଙ୍କାର ଗୁଡ଼ିକୁ ସଫା କରିବା ବାହାନାରେ ଏକ ପାଉଡ଼ର ମିଶ୍ରିତ ପ୍ୟାକେଟ ଭିତରେ ୨ ମିନିଟ୍ ରଖୁଛୁ ବୋଲି ଭରସା ଦେଇଥିଲେ । ପରେ ପ୍ୟାକେଟ ଦେଇ ସେମାନେ ଚମ୍ପଟ ମାରିଥିଲେ । ଏହାପରେ ଖାଲି ପ୍ୟାକେଟ ଦେଖି ଶାଶୂ ବୋହୂ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଲୁଟ୍ ଅଳଙ୍କାରର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜଣାପଡ଼ିଥିବା ବେଳେ ଏଭଳି ଘଟଣାରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।

# ଶକ୍ତି ସୁରକ୍ଷା ଓ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ




**କେନ୍ଦୁଝର, ନ୍ୟୁଜ୍**

ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୂଲ୍ୟରେ 'ଶକ୍ତି ଓ ପରିବେଶ' ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନା ଚକ୍ରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଡକ୍ଟର ଏସ୍.ସି. ଖୋଟୋଇ ଓ ଉତ୍ସବରେ ସଭାପତିତ୍ୱ କରିଥିଲେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଭୁ ପ୍ରସାଦ ଦାସ । ଉଦ୍‌ଯାପନୀ ଉତ୍ସବରେ ବିଦେଶରୁ ଯୋଗଦାନ କରିଥିବା ବିଶେଷଜ୍ଞ ମାନେ ହେଉଛନ୍ତି ପ୍ରଫେସର ଲରେନ୍ସ ବର୍କେଲି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ, ଓ ଡକ୍ଟର ସଜିତ୍ ମାଝୀ ଆବୁଧାବି ସାଉଦି ଆରବ । ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରୁ ଯୋଗ ଦେଇଥିବା ବ୍ୟକ୍ତିମାନେ ହେଉଛନ୍ତି ଡକ୍ଟର ଲୁବୁନା ଶେଖ୍ ଟାଟା ଷ୍ଟିଲ ଜାମସେଦପୁର, ଡକ୍ଟର ଉମାଶଙ୍କର ଓଝା ଆଇଆଇଟି ଭୁବନେଶ୍ୱର, ମିନମେଣ୍ଟ କନ୍‌ସଲଟାନସିର ପରିଚାଳନା ନିର୍ଦ୍ଦେଶକ ଏସ୍.ସି. ଖୋଟୋଇ । ଶକ୍ତିର ସୁରକ୍ଷା ଓ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ସମସ୍ତ ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରର ସାରାଂଶ ସଂଯୋଜକ ଯୋଶବନ୍ତ ନାରାୟଣ ସିଂ ବାବୁ ଉପସ୍ଥାପନା କରିଥିବା ବେଳେ ଡକ୍ଟର ଅନୁପମା ଦାସ ଆଲୋଚନା ଚକ୍ରର ଉପାଦେୟତା ଦର୍ଶାଇ ଥିଲେ ଓ ଡକ୍ଟର ଚନ୍ଦ୍ର ଶେଖର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମଙ୍ଗଳବାର ସମୁଦାୟ ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ ସମସ୍ତ ଅଧିବେଶନର ସଭାପତିତ୍ୱ ଡକ୍ଟର ଶ୍ରୀଧର ସନ୍ୟାସୀ ଖୁବ୍ କୁଶଳତାର ସହିତ ସମ୍ପାଦନ କରିଥିଲେ । ହାଇବ୍ରିଡ୍ ମୋଡ (ଅନଲାଇନ୍ ଓ ଅଫଲାଇନ)ରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଦୁଇଶହରୁ ଅଧିକ ଛାତ୍ର ଛାତ୍ରୀ ଓ ତିରିଶରୁ ଅଧିକ ଗବେଷକ ସହିତ ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ଯୋଗ ଦାନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡକ୍ଟର ପ୍ରକାଶ ପଲ୍, ଡକ୍ଟର ଡି ଗ୍ରହଚାର୍ଯ୍ୟ, ରୋନିତା ନାୟକ ତଥା ବିଭାଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଗଣ ।

# ବିଏମ୍‌ସିର ବାର୍ଷିକ ୨୦ କୋଟି କ୍ଷତି : କର୍ମଚାରୀ ଅବହେଳାରୁ ଆଦାୟ ହେଉନି ରାଜସ୍ୱ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ମହାନଗର ନିଗମକୁ ରାଜ୍ୟ ସରକାରଙ୍କ ଅନୁଦାନ ହ୍ରାସ ପାଇବାରେ ଲାଗିଥିବା ବେଳେ ଏହି ସଂସ୍ଥାର ନିଜସ୍ୱ ଆଦାୟ ମଧ୍ୟ ବାଧାପ୍ରାପ୍ତ ହେବାରେ ଲାଗିଛି । ବିଶେଷ କରି କର୍ମଚାରୀ ଅଭାବ ଯୋଗୁଁ ଟିକସ ଆଦାୟ ହୋଇପାରୁନାହିଁ । ଏହାର ପ୍ରଭାବ ସହରର ଉନ୍ନତିମୂଳକ ପ୍ରକଳ୍ପ ଗୁଡ଼ିକରେ ପଡୁଛି । ଅନୁଦାନ ଅଭାବ ଯୋଗୁଁ ଅନେକ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିଥିବା ବେଳେ ବହୁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ବର୍ଷକୁ ପ୍ରାୟ ୨୦ କୋଟି ଟଙ୍କାର କ୍ଷତି ସହୁଛି ବ୍ରହ୍ମପୁର ମହାନଗର ନିଗମ । ନିୟମିତ ବ୍ୟବଧାନରେ ବ୍ରହ୍ମପୁର ମହାନଗର ନିଗମର ୱାର୍ଡ଼ ସଂଖ୍ୟା ବଢୁଛି । ଏହି ସଂଖ୍ୟା ବଢ଼ିବଢ଼ି ୪୨ଟି ୱାର୍ଡ଼ରେ ପହଞ୍ଚିଲାଣି । ସହରର ନବକଳେବର ମଧ୍ୟ ହେବାରେ ଲାଗିଛି । ବ୍ୟବସାୟିକ ପ୍ରତିଷ୍ଠାନ ସହିତ ବାସଗୃହ ସଂଖ୍ୟା ମଧ୍ୟ ବଢୁଛି । ମହାନଗର ନିଗମ ଅଞ୍ଚଳରେ ୪୦ ହଜାର ବାସଗୃହ ଥିବା ବେଳେ ୨୦ ହଜାର ହେଉଛି ବ୍ୟବସାୟିକ ଗୃହ । ଉଭୟ ବ୍ୟବସାୟିକ ଏବଂ ବ୍ୟକ୍ତିଗତ ବାସଗୃହରୁ ପ୍ରତି ବର୍ଷ ହୋଲ୍‌ଡ଼ିଂ ଟିକସ ଆଦାୟ କରାଯାଉଛି । ଏହାକୁ ଦେଖିଲେ କେବଳ ହୋଲ୍‌ଡ଼ିଂ ଟିକସ ବାବଦରେ ବର୍ଷକୁ ୧୨ କୋଟି ଟଙ୍କା ଆଦାୟ ହେବା କଥା । ସେହିଭଳି ମହାନଗର ନିଗମର ଦୋକାନ ଘରଗୁଡ଼ିକର ଭଡ଼ା ବାବଦରେ ୩ କୋଟି ଏବଂ ବିଭିନ୍ନ ପ୍ରକାର ୟୁଜର୍ସ ଫି' ବାବଦରେ ଆଉ ୨୨ କୋଟି ୫୦ ଲକ୍ଷ ଟଙ୍କା ଆଦାୟ ହେବା କଥା । ଏସବୁକୁ ମିଶାଇଲେ ବାର୍ଷିକ ପ୍ରାୟ ୩୮ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ । ହେଲେ ଆଦାୟ ରାଜସ୍ୱ ଏହି ଧାର୍ଯ୍ୟ ଲକ୍ଷ୍ୟକୁ ଛୁଇଁପାରୁ ନାହିଁ । ସବୁକୁ ମିଶାଇ ପ୍ରାୟ ୧୮ କୋଟି ଟଙ୍କା ଆଦାୟ ହେଉଛି । କେଉଁ ବର୍ଷ ଏହା କମୁଥିବା ବେଳେ ଆଉ କେଉଁ ବର୍ଷ ସାମାନ୍ୟ ବଢୁଛି । ତଥାପି ୧୮ କୋଟି ଆଖପାଖରେ ହିଁ ରାଜସ୍ୱ ଆଦାୟ ରହୁଛି ।

ଏହାକୁ ଦେଖିଲେ ବିଏମ୍‌ସିର ବାର୍ଷିକ ପ୍ରାୟ ୨୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇପାରୁନାହିଁ । କେବଳ ସେତିକି ନୁହେଁ ସହରରେ ଥିବା ହଜାର ହଜାର ଉଠା ଦୋକାନୀ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଠାରୁ ୟୁଜର୍ସ ଫି ମଧ୍ୟ ଆଦାୟ ହୋଇପାରୁନାହିଁ । ସେହିଭଳି ସହରରେ ୪ଟି ପ୍ରବେଶ ପଥ ରହିଛି । ପୂର୍ବରୁ ଏହି ପ୍ରବେଶ ପଥରେ ଗାଡ଼ିଗୁଡ଼ିକ ଠାରୁ ଶୁଳ୍କ ଆଦାୟ ହେଉଥିଲା । କିନ୍ତୁ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଏହି ଶୁଳ୍କ ଆଦାୟ ମଧ୍ୟ ବାଧାପ୍ରାପ୍ତ ହେଉଛି । ଏପରିକି କେଉଁ ଗେଟ୍‌ରୁ କେତେ ଟଙ୍କା ଆଦାୟ ହେଉଛି, ତାହାର ମଧ୍ୟ ସଠିକ୍ ହିସବ ରହୁନାହିଁ । ଏତଦ୍ ବ୍ୟତୀତ ହୋଡ଼ିଂ ବାବଦରେ ମଧ୍ୟ ରାଜସ୍ୱ ଆଦାୟ ଆଦୌ ଉତ୍ସାହଜନକ ରହୁନାହିଁ । ତେବେ ରାଜସ୍ୱ ଆଦାୟ ହ୍ରାସ ପଛରେ କର୍ମଚାରୀ ଅଭାବ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ୨୦୦୮ ପୂର୍ବରୁ ବ୍ରହ୍ମପୁର ପୌରପାଳିକା ଥିବା ବେଳେ ୨୭ଟି ୱାର୍ଡ଼କୁ ନେଇ ୨୭ଟି ରାଜସ୍ୱ ଜୋନ୍ ଗଠନ ହେଉଥିଲା । ସମ୍ପ୍ରତି ୪୨ଟି ୱାର୍ଡ଼ ରହିଥିଲେ ମଧ୍ୟ ପୁରୁଣା ଢାଞ୍ଚାରେ ୨୭ଟି ହିଁ ରାଜସ୍ୱ ଜୋନ୍ ରହିଛି । ତଥାପି ଏହି ୨୭ଟି ଜୋନ୍‌ରେ ଆବଶ୍ୟକ ଅନୁଯାୟୀ କର୍ମଚାରୀ ନାହାନ୍ତି । ଫଳରେ ହୋଲ୍‌ଡ଼ିଂ ଟିକସ ଏବଂ ଅନ୍ୟାନ୍ୟ ରାଜସ୍ୱ ଆଦାୟ ହୋଇପାରୁନାହିଁ । ଟ୍ରେଡ୍ ଲାଇସେନ୍ସ ବାବଦରେ ପୂର୍ବରୁ ସିଂହ ଭାଗ ରାଜସ୍ୱ ଆସୁଥିଲେ ମଧ୍ୟ କର୍ମଚାରୀ ଅଭାବ ଯୋଗୁଁ ଏଠାରୁ ମଧ୍ୟ ରାଜସ୍ୱ ହ୍ରାସ ପାଇଛି । କିଛି ଦିନ ପୂର୍ବେ ଟିକସ ସମ୍ପର୍କିତ ସବ୍ କମିଟିର ବୈଠକରେ ଏନେଇ ଆଲୋଚନା ହୋଇଛି । କର୍ମଚାରୀ ସଂଖ୍ୟା ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ସ୍ୱତନ୍ତ୍ର କ୍ୟାମ୍ପ ଜରିଆରେ ଟ୍ରେଡ୍ ଲାଇସେନ୍ସ ଆଦାୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି ।

ଭୁବନେଶ୍ୱର
୨୩ ଅଗଷ୍ଟ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ବିଏସ୍ଇ ଓ ସିଏଚ୍ଏସଇ ମିଶି ହେବ ଗୋଟାଏ ବୋର୍ଡ

କଟକ, ୨୨।୦୮ :ନ୍ୟୁଜ୍‌ବ୍ୟୁରୋ

ଏଣିକି ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେସନ୍ (ବିଏସ୍ଇ) ଏବଂ କାଉନ୍‌ସିଲ୍ ଅଫ୍ ସେକେଣ୍ଡାରି ଏଜୁକେସନ୍ (ସିଏଚ୍ଏସ୍ଇ)କୁ ନେଇ ଗୋଟିଏ ବୋର୍ଡ ଗଠନ ହେବ। ଗୋଟିଏ ବୋର୍ଡର ନିୟମ ଆଧାରରେ ରହିବେ ଅଧିକାରୀ। ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମିଳିତ ଗୋଟିଏ ବୋର୍ଡ ଗଠନ କରିବା ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଗୋଟିଏ ବୋର୍ଡ ଗଠନ ହେଲେ ବୋର୍ଡ ନିୟମ ଆଧାରରେ କର୍ମଚାରୀ ରହିବେ। ନୂଆ ଶିକ୍ଷାନୀତି ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକତା ଅନୁସାରେ ଆଗକୁ ନିଷ୍ପତ୍ତି ନିଆଯିବ ଓ ଆଲୋଚନା ହେବ। କଟକରେ କି ଭୁବନେଶ୍ୱରରେ କାର୍ଯ୍ୟାଳୟ ହେବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରାଯିବ। ଖାଲିଥିବା ଶିକ୍ଷକ ପଦବୀ ପୂରା ହେବ। ପ୍ରତିବର୍ଷ ୧୫ ହଜାର ଶିକ୍ଷକ ଓ ଆସନ୍ତା ୩ ବର୍ଷ ଭିତରେ ୪୪ ହଜାର ୪୩୩ ପଦବୀ ପୂରା କରିବାକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରି ନିଷ୍ପତ୍ତି ନେଇଛନ୍ତି। ୪୫ ହଜାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆଗକୁ ଶିଶୁ ସେବିକା ନିଯୁକ୍ତି ହେବେ। ସରକାରୀ ଓ ଆଡେଡ୍ ସ୍କୁଲରେ ନବମ ଓ ଦଶମ ଶ୍ରେଣୀପିଲାଙ୍କୁ ମାଗଣାରେ ମିଳିବ ବହି। ହଷ୍ଟେଲ ପିଲାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଚିନ୍ତା କରି ସରକାର ଗୁରୁତ୍ୱ ଦେଇ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍ଏମ୍ ନିଯୁକ୍ତି ଦେବ ସ୍କୁଲ ଓ ଗଣଶିକ୍ଷା ବିଭାଗ। ଯେହେତୁ ମୁଖ୍ୟମନ୍ତ୍ରୀ ନିଜେ ଜଣେ ଶିକ୍ଷକ ଥିଲେ; ତେଣୁ ପ୍ରାଥମିକ ଶିକ୍ଷା ସୁଦୃଢ଼ କରିବାକୁ ପ୍ରଚେଷ୍ଟା କରୁଛନ୍ତି। ସମୟସୀମା ମଧ୍ୟରେ କାମ ହେବ, ଏନେଇ ଆମେ ତତ୍ପର ଅଛୁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।



କଟକ : ବିଡ଼ାନାସୀ ମୌଜାରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

# କିଟ୍‌ରେ ଜାପାନ ଫିଲ୍ମ ଫେଷ୍ଟିଭଲ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୨୨।୦୮
ନ୍ୟୁଜ୍‌ବ୍ୟୁରୋ

କିଟ୍ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଜାପାନ ଚଳଚ୍ଚିତ୍ର ମହୋତ୍ସବ। ଦ୍ୱିତୀୟ ଥର ପାଇଁ ଏହି ଜାପାନ ଚଳଚ୍ଚିତ୍ର ମହୋତ୍ସବ କିଟ୍ ପରିସରରେ ଅନୁଷ୍ଠିତ ହେଉଛି। କୋଲକାତାସ୍ଥିତ ଜାପାନ କନ୍‌ସୁଲେଟ୍, ଜାପାନ ଫାଉଣ୍ଡେସନ୍ ଓ ଫେଡେରେସନ୍ ଅଫ୍ ଫିଲ୍ମ ସୋସାଇଟିଜ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଏହି ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ଶୁକ୍ରବାର କୋଲକାତାସ୍ଥିତ ଜାପାନ କନସୁଲ୍ ଜେନେରାଲ୍ ଇଶିକା ଯୋଶିହିସା, ମିତ୍‌ସୁବିସି କର୍ପୋରେସନ୍ ଇଣ୍ଡିଆ କୋଲକାତା ଶାଖାର ମୁଖ୍ୟ ହିମାଂଶୁ ଆଚାର୍ଯ୍ୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବଶିଷ ବନ୍ଦୋପାଧ୍ୟାୟ, କିଟ୍ ଫିଲ୍ମ, ଫେସନ ଓ ଗଣ ଯୋଗାଯୋଗ ସ୍କୁଲ୍ ମହାନିର୍ଦ୍ଦେଶକ ହିମାଂଶୁ ଖଟୁଆ ଓ କିଟ୍ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ବକ୍ତବ୍ୟ ଦେଇ ଇଶିକାଯୋଶିହିସା କହିଲେ, ଦ୍ୱିତୀୟ ଥର ପାଇଁ ଜାପାନ ଚଳଚ୍ଚିତ୍ର ମହୋତ୍ସବ କିଟ୍‌ରେ ଚାଲିବା ନିଶ୍ଚିତ ଭାବେ ଭାରତ-ଜାପାନ ସାଂସ୍କୃତିକ ସହଯୋଗକୁ ମଜଭୁତ କରିବ। ଭବିଷ୍ୟତରେ ଏହି ସହଯୋଗ ଜାରି ରହିବ ବୋଲି ସେ ଆଶା କରିଥିଲେ। ଏହି ପରିପ୍ରେକ୍ଷୀରେ ଜାପାନ ଚଳଚ୍ଚିତ୍ର ମହୋତ୍ସବକୁ ପ୍ରଚାର ପ୍ରସାର କରାଇବା ଦିଗରେ ସହଯୋଗର ହାତ ବଢ଼ାଇଥିବାରୁ ସେ କିଟ୍, କିସ୍ ଓ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ 'ଫାଦର ଅଫ୍ ମିଲ୍‌କୀ ୱେ ରେଲ୍‌ରୋଡ୍' ପ୍ରଦର୍ଶନ ହୋଇଥିଲା। ଶନିବାର 'ପ୍ରିନ୍‌ସେସ୍ ଆରେଟେ' ଓ 'ଲେଡି କାଗା' ପ୍ରଦର୍ଶିତ ହେବାକୁ ଥିବା ବେଳେ ୨୪ ତାରିଖରେ 'ରାଇଡ୍ ଇଓର ୱେଭ୍' ଏବଂ 'ଦି ଜେନ୍ ଡାଏରୀ' ଚଳଚ୍ଚିତ୍ର ପ୍ରଦର୍ଶିତ ହେବ।

# କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଖୁବ୍ ଶୀଘ୍ର ପିଏମ୍ ଶ୍ରୀ ଯୋଜନାରେ ସାମିଲ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୦୮
ନ୍ୟୁଜ୍‌ବ୍ୟୁରୋ

କଟକ କାଳିଆବୁଦା ସ୍ଥିତ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବିଦ୍ୟାଳୟକୁ ଏକ ଜ୍ଞାନ ଦୀପସ୍ତମ୍ଭ, ଯାହା ୬୦ ବର୍ଷ ହେଲାଣି କଟକ ସହରରେ ଜ୍ଞାନର ଆଲୋକ ବିକିରଣ କରୁଛି ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କମଳାକାନ୍ତ ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଏହି ବିଦ୍ୟାଳୟକୁ ଖୁବ୍ ଶୀଘ୍ର ପିଏମ ଶ୍ରୀ ଯୋଜନାରେ ସାମିଲ କରିବା, ମିନି ଷ୍ଟାଡିଅମ ନିର୍ମାଣ, ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରିବା ଓ ବିଦ୍ୟାଳୟର ଆନୁସଙ୍ଗିକ ଆବଶ୍ୟକତା ସବୁ ଖୁବ୍ ଶୀଘ୍ର ପୂରଣ କରିବା ପାଇଁ ଘୋଷଣା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହୀରକ ଜୟନ୍ତୀ କେବଳ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ଏହା ପୂର୍ବତନ ଛାତ୍ରଛାତ୍ରୀମାନଙ୍କର ମିଳନ ମହୋତ୍ସବ। ଯେଉଁମାନେ ଏହି ବିଦ୍ୟାଳୟରୁ ପଢ଼ି ସମାଜରେ ବଡ଼ ବଡ଼ ସ୍ଥାନରେ ପହଞ୍ଚିଛନ୍ତି, ସେମାନଙ୍କ ଉପଲବ୍ଧି ଏହି ବିଦ୍ୟାଳୟର ପ୍ରତିଷ୍ଠାକୁ ଆରୋହିତ କରିଛି। ଆଜି ସେମାନଙ୍କୁ ଦେଖି, ଆମେ ଅନୁଭବ କରୁଛୁ, ବିଦ୍ୟାଳୟର ସଫଳତା ହେଉଛି ଏହାର ଛାତ୍ରଛାତ୍ରୀଙ୍କର ସଫଳତା।

ଆଜିର ଛାତ୍ରଛାତ୍ରୀମାନେ ହେଉଛନ୍ତି ଆଗାମୀ ଭବିଷ୍ୟତ ଏବଂ ସେମାନେ ହେବେ ବିକଶିତ ଭାରତର ନିର୍ମାତା। ତେଣୁ ଆଜିର ବିଦ୍ୟାର୍ଥୀଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିବା ଉଚିତ। ଏହା ଯେ କୌଣସି ସରକାରଙ୍କ ମୌଳିକ ଏବଂ ନୈତିକ କର୍ତ୍ତବ୍ୟ। ଆମ ସରକାର ଆସିବା ଦିନ ଠାରୁ ହିଁ ଶିକ୍ଷାକ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରୟାସ କରୁଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଏହି ବିଶ୍ୱସ୍ତରୀୟ ବିଦ୍ୟାଳୟ ନିର୍ମାଣ ହେବ ଏବଂ ଏହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇ ସାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ସହ ସମନ୍ୱୟ ରଖି ନୂତନ ଭାବରେ କାର୍ଯ୍ୟକାରୀ ହୋଇଥିବା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 'ପିଏମ୍‌ଶ୍ରୀ' ଅଧୀନରେ ରାଜ୍ୟର ୭୬୨ ସ୍କୁଲକୁ ଆଦର୍ଶ ସ୍କୁଲ ଭାବରେ ବିକଶିତ କରାଯିବ। ପିଲାମାନଙ୍କର ମୌଳିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ 'ନିପୁଣ ଓଡ଼ିଶା' ମିଶନ କାର୍ଯ୍ୟକାରୀ କରାଯାଉଛି। ପ୍ରତ୍ୟେକ ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ସମସ୍ତ ବିଦ୍ୟାଳୟକୁ ସଂରକ୍ଷଣ ଏବଂ ପୁନଃନିର୍ମାଣ କରିବା ଲକ୍ଷ୍ୟ ନେଇ ଐତିହ୍ୟ ବିଦ୍ୟାଳୟ ଯୋଜନା ଲାଗୁ କରାଯାଇଛି। 'ଆସ ସ୍କୁଲ ଯିବା' ଅଭିଯାନ ଅଧୀନରେ ସାରା ରାଜ୍ୟରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ଘରକୁ ଘର ସର୍ଭେ କରାଯାଇଛି। ସ୍କୁଲ ଯାଉନଥିବା ପିଲାମାନଙ୍କୁ ଚିହ୍ନଟ କରିବା, ସେମାନଙ୍କ ପାଠ ଛାଡ଼ିବାର କାରଣ ବୁଝିବା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ସ୍ଥିତି ମୂଲ୍ୟାଙ୍କନ କରିବା, ସ୍ଥାନୀୟ ଭାଷାର ଆବଶ୍ୟକତା ନିର୍ଣ୍ଣୟ କରିବା ଏବଂ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ କରିବାକୁ ଆଶା କରାଯାଉଥିବା ପିଲାଙ୍କ ସଂଖ୍ୟା ଆକଳନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।




ସେ ଆହୁରି କହିଥିଲେ ଯେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୁରାତନ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ନୟନ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଦର୍ଶିନୀ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

# କଟକରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ନେଇ ହାଇକୋର୍ଟ କ୍ଷୁବ୍ଧ

କଟକ, ୨୨।୦୮ :ନ୍ୟୁଜ୍‌ବ୍ୟୁରୋ

ପାର୍ବଣରେ ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ଦୃଷ୍ଟିରେ ରଖି ବିଭିନ୍ନ ପୂଜା କମିଟି ତରଫରୁ ମଣ୍ଡପ ଓ ତୋରଣ ନିର୍ମାଣ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ କଟକ ସହର ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ତୋରଣର ଉଚ୍ଚତା ସହିତ ସମ୍ଭାବ୍ୟ କ୍ଷତି ପ୍ରସଙ୍ଗକୁ ବିଚାରକୁ ନେଇ ସୁରକ୍ଷା ନିୟମାବଳୀ ଓ ମଜଭୁତ ନିର୍ମାଣ ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ପ୍ରଶାସନ ନିକଟରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ଲାଇସେନ୍ସ ପାଇଁ ଆବେଦନ କରିବା ବେଳେ କେଉଁ ଧରଣର ପେଣ୍ଡାଲ (ଉଭୟ ବାଉଁଶ ଓ ଇଲେକ୍ଟ୍ରିକ୍), ଗେଟ୍‌ର ଉଚ୍ଚତା ଓ ସଂଖ୍ୟା ଇତ୍ୟାଦି ସଂକ୍ରାନ୍ତରେ ସତ୍ୟପାଠରେ ସ୍ପଷ୍ଟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ମଣ୍ଡପଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ କଟକ ଅଗ୍ନିଶମ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାର୍ବଣ ସମୟରେ ସହରରେ ନିରବଚ୍ଛିନ୍ନ ଶୁଦ୍ଧ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି ରୋକିବା, ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ବଜାୟ ରଖିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସଙ୍ଗରେ ସିଏମ୍‌ସି ଓ ଅନ୍ୟ ବିଭାଗ ଠାରୁ ହାଇକୋର୍ଟ ସତ୍ୟପାଠ ମାଧ୍ୟମରେ ଜବାବ ତଲବ କରିଛନ୍ତି। କଟକର ବିପର୍ଯ୍ୟସ୍ତ ରାସ୍ତାକୁ ନେଇ ହାଇକୋର୍ଟ ଆରଆଣ୍ଡବି ଓ ଅନ୍ୟ ବିଭାଗଗୁଡ଼ିକ ଉପରେ ବର୍ଷିଥିଲେ। ରାସ୍ତା ମରାମତି ପାଇଁ ଟେଣ୍ଡର କରାଯାଇଛି ଓ ବର୍ଷା ବନ୍ଦ ହେବା ପରେ କାମ ଆରମ୍ଭ ହେବ ବୋଲି ଆରଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ଦର୍ଶାଇଥିଲେ। ପୂଜା ସମୟରେ ରାସ୍ତା ମରାମତି ପାଇଁ ପାଣ୍ଠି ଖର୍ଚ୍ଚ କରାଯାଉଛି ନା କର୍ପୋରେଟରଙ୍କୁ ପୂଜା ଭେଟି ଦିଆଯାଉଛି ବୋଲି ଶୁଣାଣି ବେଳେ ଆମିକସକ୍ୟୁରି ଦର୍ଶାଇଥିଲେ। ଅଧିକାରୀମାନେ କଟକ ସହରର ବିଭିନ୍ନ ୱାର୍ଡ ବୁଲିବା ସହିତ ଲୋକଙ୍କ ସମସ୍ୟା ସଂପର୍କରେ ଅବଗତ ହୁଅନ୍ତୁ ବୋଲି ହାଇକୋର୍ଟ କହିଥିଲେ। ସହରର ରାସ୍ତାଘାଟ ମରାମତି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ସମୟରେ ଶବ୍ଦମାତ୍ରା ୬୫ ଡେସିବେଲ ଭିତରେ ସୀମିତ ରଖିବା, ଟ୍ରାଫିକ ଓ ଭିଡ଼ ପରିଚାଳନା ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୋର ଜବରଦସ୍ତ ଚାନ୍ଦା ଆଦାୟ ଘଟଣାରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରାଯିବ। ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ ପାଇଁ ପୁଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହିତ ଅଧିକ ସଂଖ୍ୟକ ପୁଲିସ ମୁତୟନ, ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ, ଶୃଙ୍ଖଳିତ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା, ନିର୍ଦ୍ଦିଷ୍ଟ ବିସର୍ଜନ ସ୍ଥାନ ଚିହ୍ନଟ, ସିସିଟିଭି ଦ୍ୱାରା ତଦାରଖ, ପରିବେଶ ଅନୁକୂଳ ବ୍ୟବସ୍ଥା ଗ୍ରହଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।



ଅଧିକାରୀମାନେ କଟକ ସହରର ବିଭିନ୍ନ ୱାର୍ଡ ବୁଲିବା ସହିତ ଲୋକଙ୍କ ସମସ୍ୟା ସଂପର୍କରେ ଅବଗତ ହୁଅନ୍ତୁ ବୋଲି ହାଇକୋର୍ଟ କହିଥିଲେ। ସହରର ରାସ୍ତାଘାଟ ମରାମତି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୬ ତାରିଖରେ ଏହି ସବୁ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ହେବ। ୨୫ ତାରିଖ ବା ତା' ପୂର୍ବରୁ ସତ୍ୟପାଠ ଦାଖଲ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଆମିକସକ୍ୟୁରି ବିଜୟ କୁମାର ଦାଶ, ହାଇକୋର୍ଟ ବାର୍ ସଭାପତି ମନୋଜ କୁମାର ମିଶ୍ର, ଆଡଭୋକେଟ କମିଟି ସଦସ୍ୟ ବିଭୁତି ଭୂଷଣ ଚୌଧୁରୀ, ସରୋଜ କୁମାର ପାଢୀ, ମହମ୍ମଦ ଆରିଫ ଉଦ୍ଦିନ ଖାଁ, ରାଧାରମଣ ଦାସ ନାୟକ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

# ଗୋକୁଳାନନ୍ଦଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ



ଭୁବନେଶ୍ୱର, ୨୨।୮ :ନ୍ୟୁଜ୍‌ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରି ପ୍ରଫେସରଙ୍କ ଧର୍ମପତ୍ନୀ ଶ୍ରୀମତୀ ନୀନା ଦାସ ମହାନ୍ତିଙ୍କ ନିକଟକୁ ଶୋକବାର୍ତ୍ତା ଦେଇ ଲେଖିଛନ୍ତି ଯେ, ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସ ଜୀଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଆପଣଙ୍କ ପରିବାର ପାଇଁ ଏହା ଏକ ବିରାଟ କ୍ଷତି ଏବଂ ଏହି ଦୁଃଖକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ ବୋଲି ଶ୍ରୀ ମୋଦୀ ଲେଖିଛନ୍ତି।

ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଜୀ ଗଣିତ କ୍ଷେତ୍ରରେ ଭାରତର ଗୌରବମୟ ଐତିହ୍ୟକୁ ବଜାୟ ରଖି ସମୃଦ୍ଧ କରିବାରେ ସାହାଯ୍ୟ କରିଥିଲେ। ତାଙ୍କର ଶୈକ୍ଷିକ ଗଭୀରତା ପାଇଁ ସେ ସାରା ବିଶ୍ୱରେ ସମ୍ମାନିତ ହୋଇଥିଲେ। ଜଣେ ପ୍ରସିଦ୍ଧ ବିଦ୍ୱାନ ଭାବରେ ସେ ଅନେକ ଉଚ୍ଚକୋଟିର ଲେଖାସବୁ ପ୍ରସ୍ତୁତ କରିଥିଲେ। ଗଣିତ କ୍ଷେତ୍ରରେ ତାଙ୍କର ଅବଦାନ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଇବ। ସେ ତାଙ୍କ ଚାକିରି ସମୟରେ ବିଭିନ୍ନ ପଦବୀରେ ରହି ଶିକ୍ଷା କ୍ଷେତ୍ରରେ ପ୍ରଶଂସନୀୟ ସେବା କରିଥିଲେ। ବିଶେଷକରି ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳପତି ଭାବରେ ତାଙ୍କର କାର୍ଯ୍ୟକାଳକୁ ଓଡ଼ିଶାବାସୀ ସର୍ବଦା ସମ୍ମାନର ସହ ମନେ ରଖିବେ। ଜଣେ ବିଦ୍ୱାନ ଲେଖକ ଭାବରେ ତାଙ୍କ କୃତିଗୁଡ଼ିକୁ ଅଧ୍ୟୟନ କରୁଥିବା ଭବିଷ୍ୟତ ପିଢ଼ି ବିଶେଷ ଭାବରେ ଏହା ଆହରଣ କରିପାରିବେ ଯେ ବିଜ୍ଞାନ, ଆଧ୍ୟାତ୍ମିକତା ଏବଂ ଦର୍ଶନର ସନ୍ଧିକ୍ଷଣ ଅନୁସନ୍ଧାନ କରୁଥିବା ବିଭିନ୍ନ ବିଷୟ ଉପରେ ସେ ଲେଖିଛନ୍ତି। ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସ ଜୀ ଅଗଣିତ ଛାତ୍ରଛାତ୍ରୀଙ୍କ ହୃଦୟକୁ ସ୍ପର୍ଶ କରିପାରିଥିଲେ। ସେମାନଙ୍କୁ ନୂତନ ଚିନ୍ତାଧାରା ପ୍ରୟୋଗ କରିବା ସହ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ। ତାଙ୍କର ଶୋକସନ୍ତପ୍ତ ପରିବାର, ଅଗଣିତ ଛାତ୍ରଛାତ୍ରୀ ଏବଂ ଶିକ୍ଷା ଜଗତ ପ୍ରତି ମୋର ଗଭୀର ସମବେଦନା ବୋଲି ଶ୍ରୀ ମୋଦୀ ଲେଖିଛନ୍ତି। ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସ ଜୀ ଯାହାଙ୍କୁ ଗଭୀର ଭକ୍ତି କରୁଥିଲେ, ସେହି ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ଦୁଃଖ ସମୟରେ ତାଙ୍କ ପରିବାରକୁ ସହିବାର ଶକ୍ତି ଦିଅନ୍ତୁ ବୋଲି ଶ୍ରୀ ମୋଦୀ ତାଙ୍କ ଶୋକବାର୍ତ୍ତାରେ ଜଣାଇଛନ୍ତି।



# ସିଡିଏମଓ ଅଫିସ୍‌ର ବରିଷ୍ଠ ସହାୟକଙ୍କ ଘରେ ଭିଜିଲାନ୍ସ ଚଢ଼ଉ

କଟକ, ୨୨।୦୮
ନ୍ୟୁଜ୍‌ବ୍ୟୁରୋ



କଟକ ସିଡିଏମଓ ଅଫିସ୍‌ର ବରିଷ୍ଠ ସହାୟକ କିଶୋର କୁମାର ସାହାଣୀଙ୍କ ୫ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଆରମ୍ଭ କରାଯାଇଛି। ତାଙ୍କ ବିରୁଦ୍ଧରେ ୧.୨୪ କୋଟି ଟଙ୍କାରୁ ଅଧିକ ସରକାରୀ ପାଣ୍ଠିର ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏହି ସମ୍ପର୍କରେ ପ୍ରମାଣ ସଂଗ୍ରହ କରିବା ପାଇଁ କଟକ ଜିଲ୍ଲାର ୫ଟି ସ୍ଥାନରେ ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, କଟକଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୯ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଚଢ଼ଉ ଜାରି ରହିଛି। କଟକର ଯୋବ୍ରା ନୂଆସାହିରେ ଅବସ୍ଥିତ ଶ୍ରୀ ସାହାଣୀଙ୍କ ଆବାସିକ ତିନି ମହଲା ବିଶିଷ୍ଟ କୋଠା, କଟକର ଚୌଦ୍ୱାରର ପଳାସିଆରେ ଅବସ୍ଥିତ ଅନ୍ୟ ଏକ କୋଠା ଏବଂ କୁକୁଡ଼ା ଫାର୍ମ, କଟକରେ କିଶୋର କୁମାର ସାହାଣୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, କଟକର ତୁଳସୀପୁରର ଦେଉଳା ସାହିରେ ଅବସ୍ଥିତ ତାଙ୍କ ଶ୍ୱଶୁରଙ୍କ ଘର, କଟକର କିଶୋରନଗର ଥାନା ଅନ୍ତର୍ଗତ ଉତ୍ତରକୂଳରେ ଅବସ୍ଥିତ ଶ୍ରୀ ସାହାଣୀଙ୍କ ପୈତୃକ ଘରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଆରମ୍ଭ କରାଯାଇଛି।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

ଭୁବନେଶ୍ୱର, ୨୨।୦୮
ନ୍ୟୁଜ୍‌ବ୍ୟୁରୋ

ଟାଟା ଷ୍ଟିଲ ପକ୍ଷରୁ ପଠାଣୀ ସାମନ୍ତ ପ୍ଲାନେଟାରିୟମ, ଭୁବନେଶ୍ୱର ସହଯୋଗିତାରେ ଆୟୋଜନ କରାଯାଉଥିବା ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ)ର ୧୯ତମ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଲୋକସେବା ଭବନଠାରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଛନ୍ତି। ସାରା ଓଡ଼ିଶାର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ଜ୍ୟୋତିର୍ବିଜ୍ଞାନ ପ୍ରତି ଥିବା ନିଜ ଆଗ୍ରହ ଓ ଅଭିରୁଚି ପ୍ରଦର୍ଶନ କରିବା ପାଇଁ ୟାଟ୍ସ କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରଦାନ କରି ଆସୁଛି। ଓଡ଼ିଶାର କିମ୍ବଦନ୍ତୀ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଅବଦାନକୁ ମଧ୍ୟ ଏହା ଋଦ୍ଧିମନ୍ତ କରି ଆସୁଛି। କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଯାତ୍ରୀ'।



ଏଥିପାଇଁ ସ୍କୁଲ ଓ ଜିଲ୍ଲାସ୍ତରରେ ପ୍ରତିଯୋଗିତା କରାଯିବ। ବିଜେତାମାନେ ଡିସେମ୍ବର ୧୩ ତାରିଖରେ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ସାମିଲ ହେବେ। ପରେ ସାରା ରାଜ୍ୟର ୩୦ ଜଣ ବିଜେତା ବେଙ୍ଗାଲୁରୁସ୍ଥିତ ଇସ୍ରୋ ପରିଦର୍ଶନ କରି ବୈଜ୍ଞାନିକମାନଙ୍କ ଗବେଷଣା ସମ୍ପର୍କରେ ଜ୍ଞାନ ଲାଭ କରିବେ। ଏହାର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱରେ ଥିବା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂହ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ସଚିବ ଶିବାନୀ ମହାନ୍ତି ଏବଂ ପୂଜା ମିଶ୍ର, ଫାଇନାନ୍ସିଆଲ ଆଡଭାଇଜର ତଥା ଅତିରିକ୍ତ ସଚିବ ବିଦ୍ୟୁତପ୍ରଭା ରାଉତ, ଓଡ଼ିଶା ସରକାରଙ୍କ ଉପ ସଚିବ ଓ ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଉପ ସଚିବ ଚିନ୍ମୟୀ ଚେତନା ଦାସ, ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗ ଉପ ନିର୍ଦ୍ଦେଶକ ଶଶିକାନ୍ତ ଦାଶ ଏବଂ ଟାଟା ଷ୍ଟିଲର ଚିଫ୍ ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ (ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ) ଦେବାଶିଷ ଜେନା ଉପସ୍ଥିତ ରହିଥିଲେ। ୟାଟ୍ସ କାର୍ଯ୍ୟକ୍ରମରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ବଢ଼ାଇବାକୁ ଟାଟା ଷ୍ଟିଲ ପ୍ରତିବଦ୍ଧ ରହିଛି ଓ ଏଥିପାଇଁ ଉଭୟ ପ୍ରତ୍ୟକ୍ଷ ଓ ଭର୍ଚ୍ୟୁଆଲ ମାଧ୍ୟମ ଆପଣା ଯାଇଛି ବୋଲି ଟାଟା ଷ୍ଟିଲର ଚିଫ୍ ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ ଦେବାଶିଷ ଜେନା ଆଲୋକପାତ କରିଥିଲେ। ଯୁବ ପ୍ରତିଭାମାନଙ୍କୁ ଅନୁପ୍ରାଣିତ କରିବା ଏବଂ ମହାକାଶ ବିଜ୍ଞାନରେ ସେମାନଙ୍କ ଆଗ୍ରହକୁ ଆହୁରି ଗଭୀର କରିବା ଲାଗି କମ୍ପାନୀର ପ୍ରଚେଷ୍ଟାକୁ ସେ ଦୋହରାଇ ଥିଲେ। ଛାତ୍ରଛାତ୍ରୀମାନେ ୟାଟ୍ସରେ ନିଜ ସ୍କୁଲ ଜରିଆରେ କିମ୍ବା ଅନ୍‌ଲାଇନ୍‌ରେ https://www.bit.ly/YATS2025ୟାଟ୍ସ ପୋର୍ଟାଲରେ ପଞ୍ଜୀକରଣ କରି ଅଂଶଗ୍ରହଣ କରିପାରିବେ। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ ଏବଂ ନବମ-ଦଶମ ଶ୍ରେଣୀର ପିଲାମାନଙ୍କ ପାଇଁ ବିବିଧ-ପସନ୍ଦ ପ୍ରଶ୍ନାବଳୀ (ଏମସିକ୍ୟୁ) ରହିବ। ଜିଲ୍ଲାସ୍ତରୀୟ ବିଜେତାମାନଙ୍କୁ ୨୦୨୫ ଡିସେମ୍ବର ୧୩ ତାରିଖରେ ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବ। ପଠାଣି ସାମନ୍ତ ଭାବେ ପରିଚିତ ମହାମହୋପାଧ୍ୟାୟ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରଙ୍କ ଜୟନ୍ତୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଗତ ୧୮ ବର୍ଷ ମଧ୍ୟରେ ୟାଟ୍ସ କାର୍ଯ୍ୟକ୍ରମ ଓଡ଼ିଶାର ସ୍କୁଲ ପିଲାମାନଙ୍କ ମଧ୍ୟରେ ବ୍ରହ୍ମାଣ୍ଡର ରହସ୍ୟକୁ ନେଇ ଆଗ୍ରହକୁ ତ୍ୱରାନ୍ୱିତ କରିଛି। ୟାଟ୍ସର ୧୮ତମ ସଂସ୍କରଣର ବିଜେତାମାନେ ୨୦୨୫ ମେ' ମାସରେ ବେଙ୍ଗାଲୁରୁ ସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଆଇଏସଟିଆରଏସି) ଓ ୟୁଆର ରାଓ ଉପଗ୍ରହ କେନ୍ଦ୍ର (ୟୁଆରଏସସି) ପରିଦର୍ଶନ କରିଥିଲେ। ଶୁଭାରମ୍ଭ ପରଠାରୁ ୟାଟ୍ସ ସାରା ଓଡ଼ିଶାର ୪.୭୧ ଲକ୍ଷ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିଛି ଏବଂ ୨୩୦ ଜଣ ବିଜେତା ଇସ୍ରୋର ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ପ୍ରଗତିକୁ ଦେଖିବାର ସ୍ୱତନ୍ତ୍ର ସୁଯୋଗ ହାସଲ କରିଛନ୍ତି।

# ପ୍ରେମିକାର ତଣ୍ଟି କାଟି ବିଷ ପିଇଦେଲେ ଯୁବକ

ବଲାଙ୍ଗୀର, ୨୨।୮ :ନ୍ୟୁଜ୍‌ବ୍ୟୁରୋ

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବରାହ ଗାଁର ଜଣେ ନାବାଳିକା ଝିଅର ତଣ୍ଟି କାଟି ଜଣେ ଯୁବକ ଫେରାର ହୋଇଯାଇ ଥିବା ପ୍ରକାଶ ପାଇଥିଲା। ନାବାଳିକାଙ୍କୁ ରକ୍ତାକ୍ତ ଅବସ୍ଥାରେ ତାଙ୍କ ପରିବାର ଲୋକେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି ଯୁବକ ଜଣକ ଝିଅର ମାମୁ ପୁଅ। ଝିଅ ଓ ପୁଅର ପ୍ରେମ ସମ୍ପର୍କ ଥିବା ପୋଲିସ ଜାଣିବାକୁ ପାଇଛି। ପ୍ରେମ ସମ୍ପର୍କରୁ ଏହି ଘଟଣା ଘଟିଥିବା ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଯୁବକ ଜଣକ ବିଷ ପିଇଦେଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଯୁବକ ଜଣକ ହେଲେ ପାଟଣାଗଡ଼ ଥାନା ପଣ୍ଡରିପାଣି ଗାଁର ହଳଧର ବରିହା (୨୫)। ତାକୁ ପରିବାର ଲୋକେ ପାଟଣାଗଡ଼ ହସ୍ପିଟାଲକୁ ଚିକିତ୍ସା କରିବାକୁ ନେଇଥିଲେ। ହଳଧର ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଆଣି ଚିକିତ୍ସା କରାଯାଉଛି। ସଦର ଥାନା ପୋଲିସ ପହଞ୍ଚି ପଚରାଉଚରା କରୁଥିବା ଜଣାପଡ଼ିଛି।